ଖଣ୍ଡ ୨ ସଂଖ୍ୟା ୧ ଜାନୁଆରୀ – ମାର୍ଚ୍ଚ ୨୦୦୩

ଆଇ ଏସ୍ ଏସ୍ ଏନ : ୧୬୮୫ – ୪୦୧୨

# STREAM

## ସାପୋଟ୍ ଟୁ ରିଜିଓନାଲ୍ ଏକ୍ୱଏଟିକ୍ ରିସୋର୍ସେସ୍ ମେନେଜମେଣ୍ଟ

# ଷ୍ଟ୍ରୀମ୍ ପତ୍ରିକା

**ମତ୍ସ୍ୟଜିବି ଏବଂ କୃଷକ ମାନଙ୍କର ଜିବୀକା ବିଷୟରେ ଜାଣିବା ଏବଂ ଯୋଗାଯୋଗ କରିବା**

ଷ୍ଟ୍ରୀମ୍ ଇନିସିଏଟିଭ୍କୁ ସାହାଯ୍ୟ କରେ ଅସ୍ ଏଆଇଡ଼ି, ଡ଼ି.ଏଫ୍ ଆଇଡ଼ି, ଏଫ୍ ଏଓ ନାକା, ଭି.ଏସ୍ଓ.

କ୍ଷ୍ରୀମ୍ ଇନିସିଏଟିଭ୍ ଦ୍ୱାରା ପ୍ରକାଶିତ, ନେଟ୍ୱାର୍କ ଅଫ୍ ଆକ୍ୱାକଲ୍ଚର୍ ସେଣ୍ଟର୍ସ ଇନ୍ ଏସିଆ ପେସିଫିକ୍, ସୁରାସ୍ୱାଦି ବିଲ୍ଡ଼ିଙ୍ଗ, ମତ୍ସ୍ୟଚାଷ ବିଭାଗ, କାସେଟ୍ସାର୍ଟ କ୍ୟାମ୍ପସ୍ ଲେଡ଼ିଆଓ, ଜାଟୁଜାକ୍, ବ୍ୟାଙ୍କକକ୍, ଥାଇଲାଣ୍ଡ ।

ପ୍ରତିଲେଖା (ସୀ) ନାକା କ୍ଷ୍ରୀମ୍ ଇନିସିଏଟିଭ

ଶିକ୍ଷା ଏବଂ ଅନ୍ୟ ଅଣ–ବ୍ୟବସାୟିକ ଯୋଜନା ପାଇଁ ଏହି ପ୍ରକାଶନର ପୁନଃ ଉତ୍ପାଦନ ହୋଇପାରିବ କେବଳ ଅଧିକାର ପ୍ରାପ୍ତ ପ୍ରକାଶକର ପୂର୍ଣ୍ଣ ସ୍ୱୀକୃତି ଥିଲେ ।

ଏହି ପ୍ରକାଶନର ପୁନଃ ଉତ୍ପାଦନ, ବିକ୍ରୀ କିମ୍ବା ଅନ୍ୟ ବ୍ୟବସାୟୀକ ଉଦ୍ଧେଶ୍ୟ କରିବା ପାଇଁ ମନା, ଯଦି ଅଧିକାର ପ୍ରାପ୍ତ ପ୍ରକାଶକର ସ୍ୱୀକୃତି ନଥାଏ ।

କ୍ଷ୍ରୀମ୍ ଜର୍ନାଲରୁ ଏକ ଉଦାହରଣ ନିଆଗଲା ।

ସୋନ୍ତୋଷ୍ ଆର୍ ୨୦୦୨, ପରସ୍ପର ପାଖରୁ ବିବାଦ ବିଷୟରେ ଶିକ୍ଷା କରିବା କ୍ଷ୍ରୀମ୍ ଜରନାଲ ୧(୧), ୧–୨

# ସୂଚି ପତ୍ର


ମତ୍ସ୍ୟ ସଂପଦ ପରିଚାଳନା ପ୍ରକଳ୍ପରୁ ପ୍ରାପ୍ତ ଶିକ୍ଷା ୧
ଟି.କେ ଏ ସାନ୍ ଡ଼ିଆଗୋ

ସିଆଉ ଉଦ୍ୟୋଗର ଗୋଟିଏ ବିଶେଷ ଦୃଷ୍ଟିଭଙ୍ଗୀ ଏବଂ ଅଂଶଗ୍ରାହୀ ଭାବେ ସ୍ଥାନୀୟ ଉନ୍ନତିର ପରିକଳ୍ପନା ୩
ଏଲିଜାବେଥ୍ ଏମ୍ ଗଞ୍ଜାଲେସ୍

ଦଳ–ଗଠନ, ଉତ୍ପାଦନର ସଫଳତା, ସମ୍ବଳ ଦଖଲକାରୀଙ୍କ ବିରୋଧରେ ସଂଗ୍ରାମ ୫
ବି.କେ. ସହାୟ, କେ.ପି. ସିଂ ଏବଂ ଏସ୍ ଏନ୍ ପାଣ୍ଡେ

ନାଇଜେରିଆର ଅଣ୍ଡ ପ୍ରଦେଶ ଉପକୂଳବର୍ତ୍ତୀ ଅଞ୍ଚଳ ଉପରେ ଏକ ଗବେଷଣା ସହରର କୃଷି କାର୍ଯ୍ୟ, ପାନୀୟର ପୁନର୍ବ୍ୟବହାର ଓ ସ୍ଥାନୀୟ ଅର୍ଥନୀତି ୭
ୟାମି ଏକେଗ୍ ବେଜ, ସାମ୍ ସନ୍‌ସ

ଜୀବିକା ନିର୍ବାହର ବିଶ୍ଳେଷଣ : ଅଂଶଗ୍ରାହୀ ଗ୍ରାମୀଣ ବିଶ୍ଳେଷଣ କରିବାର ଏକ ପ୍ରକୃତ ଅଭିଜ୍ଞତା ୯
ଫାମ୍ ମିନ୍ ଟାମ୍ ଏବଂ ଟ୍ରିନ୍ କୁଆଙ୍ଗ ତୁ

ଦକ୍ଷିଣ ପୂର୍ବ ଭିଏତନାମରେ ଦାରିଦ୍ର ଦୂରୀକରଣ ପାଇଁ ମାଛ ଚାଷ ବିକାଶ ଦ୍ୱାରା ଦୀର୍ଘ ସ୍ଥାୟୀ ଜୀବିକା ନିର୍ବାହର ପ୍ରଚେଷ୍ଟା ୧୧
ନୁଏନ୍ ଭେନ୍ ତୁ ଏବଂ ନୁଏନ୍ ମିନ୍ ଡ଼ାକ୍

କ୍ଷୀମ୍ ସଂବାଦ ସଂପର୍କରେ ୧୩

କ୍ଷୀମ୍ ସମ୍ପର୍କରେ ୧୪


## ସଂକ୍ଷିପ୍ତ ବିବରଣୀ

କ୍ଷୀମ୍ ପତ୍ରିକାର ଏହି ସଂଖ୍ୟାରେ ମିଳାଜୁଳା ପ୍ରବନ୍ଧ ଗୁଡ଼ିକ ପ୍ରକାଶ କରାଯାଇଛି ଫିଲିପିନ୍‌ସ, ଇଣ୍ଡିଆ, ନାଇଜେରିଆ ଓ ଭିଏତ୍‌ନାମରୁ । ପୁନର୍ବାର କ୍ଷୀମ୍ ଇନିସିଏଟିଭ ଦ୍ୱାରା, ଉତ୍ପାଦନ ବୃଦ୍ଧି, ଯୋଗାଯୋଗ ଏବଂ ମତ୍ସ୍ୟଆରା ଓ କୃଷକ ମାନଙ୍କର ଜୀବିକା ଉପରେ ପ୍ରବନ୍ଧ ଗୁଡ଼ିକ ବର୍ଣ୍ଣନା କରିଛନ୍ତି ।

ପ୍ରଥମ ପ୍ରବନ୍ଧରେ ଫିଲିପିନସ୍‌ର ଟି.ଜେ.ଏ ସାନ୍ ଡ଼ିଆଗୋ ବର୍ଣ୍ଣନା କରିଛନ୍ତି କିପରି ଏକ ପ୍ରକଳ୍ପ କାର୍ଯ୍ୟକ୍ରମ ଦ୍ୱାରା ସିଏ ଗୋଷ୍ଠିର ଲୋକମାନଙ୍କ ସହିତ ରହି ଶିକ୍ଷା ଲାଭ କଲେ ପୁଣି ସେମାନଙ୍କର ଚିନ୍ତାଧାରାକୁ ବୁଝିପାରିଲେ । ଫିଲିପିନସର ଏମ୍. ଗଞ୍ଜାଲେସ୍ ତାଙ୍କ ପ୍ରବନ୍ଧରେ ଗୋଟିଏ ବିଶେଷ ଦୃଷ୍ଟିଭଙ୍ଗୀ ଏବଂ ଅଂଶଗ୍ରାହୀ ଭାବେ ସ୍ଥାନୀୟ ଉନ୍ନତିର ଏକ ପରିକଳ୍ପନା ବିଷୟରେ ଲେଖିଛନ୍ତି । ସେ ଆମକୁ ମେନୁଏଲ୍ ପୁଦାନ ବିଷୟରେ ଜଣାଇଛନ୍ତି, କିପରି ସେ ଏକ ମତ୍ସ୍ୟଜୀବିରୁ ଉପରକୁ ଉଠିଲେ ।

ତୃତୀୟ ପ୍ରବନ୍ଧରେ ବି.କେ. ସହାୟ, କେ.ପି. ସିଂ ଏବଂ ଏସ୍. ଏନ୍. ପାଣ୍ଡେ ଗୋଟିଏ ସଂଘ ସେବି ଦଳ ବିଷୟରେ ଲେଖିଛନ୍ତି ଯେଉଁଟି ଇଣ୍ଡିଆର ଝାଡ଼ଖଣ୍ଡ ପ୍ରଦେଶରେ ଗଢ଼ାଯାଇଥିଲା । ସେମାନେ କିପରି ଏକ ବିବାଦୀୟ ପରିସ୍ଥିତିରେ ସଫଳତା ହାସଲ କରିପାରିଲେ । ପ୍ରଥମ ଥର ପାଇଁ ଆଫ୍ରିକାରୁ କ୍ଷୀମ୍ ପତ୍ରିକାରେ ଅଂଶ ଗ୍ରହଣ କରି ୟାମି ଏକେଗ୍ ବେଜ, ନାଇଜେରିଆର ଅଣ୍ଡ ପ୍ରଦେଶର ଉପକୂଳବର୍ତ୍ତୀ ଅଞ୍ଚଳର କୃଷି କାର୍ଯ୍ୟ, ନାନୀୟ ଜଳ ଅର୍ଥନୀତି ଆଦିର ଏକ ବିବରଣି ପ୍ରସ୍ତୁତ କରିଛନ୍ତି ।

ଶେଷ ଦୁଇଟି ପ୍ରବନ୍ଧ ମଧ୍ୟରୁ ଭିଏତ୍‌ନାମର ଫାମ୍ ମିନ୍ ଟାମ୍ ଏବଂ ଟ୍ରିଙ୍ଗ କୁଆଙ୍ଗ ତୁ PRA ମାଧ୍ୟମରେ ଜୀବିକା ନିର୍ବାହ ବିଶ୍ଳେଷଣର ଶିକ୍ଷା ପ୍ରାପ୍ତି ବିଷୟରେ ବର୍ଣ୍ଣନା କରିଛନ୍ତି ଯେତେବେଳେ କି ନୁଏନ୍ ଭାନ୍ ତୁ ଏବଂ ନୁଏନ୍ ମିନ୍ ଡ଼ାକ୍ ପ୍ରକଳ୍ପ ମାଧ୍ୟମରେ କିପରି ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ କରିହେବ ପୁଣି ଗ୍ରାମୀଣ କ୍ଷେତ୍ରରେ ଦୀର୍ଘସ୍ଥାୟୀ ଜଳୀୟ ସମ୍ବଳ ଯୋଜନା ଦ୍ୱାରା କିପରି ଉପକାର ହେବ ସେ ବିଷୟରେ ବର୍ଣ୍ଣନା କରିଛନ୍ତି ।

ପଠନ ସୁଖମୟ ହେଉ !

ଗ୍ରାହମ ହେଲର, କ୍ଷୀମ ନିର୍ଦ୍ଦେଶକ

ଉଇଲିୟମ ସେଭେଜ୍ କ୍ଷୀମ ପତ୍ରିକା ସଂପାଦକ

# ମତ୍ସ୍ୟ ସଂପଦ ପରିଚାଳନା ପ୍ରକଳ୍ପରୁ ପ୍ରାପ୍ତ ଶିକ୍ଷା

ଟି·ଜେ·ଏ ସାନ୍ ଡିଆଗୋ

## ଏଫ୍.ଆର. ଏମ୍. ପି. ଏବଂ ବି.ଏଫ୍. ଏ ଆର

ଫିଲିପିନ୍ସ ବ୍ୟୁର ଅଫ୍ ଫିସାରିଜ୍ ଓ ଏକ୍ୟୁଟିକ୍ ରିସୋର୍ସସେସ୍(ବି.ଏଫ୍.ଏ ଆର)ର ୬ ବର୍ଷର ଫିସିରିଜ୍ ରିସୋର୍ସସେସ୍ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ (ଏଫ୍.ଆର.ଏମ୍.ପି[1])ର ସମୟ ସୀମା ହେଉଛି ୧୯୯୮ ରୁ ୨୦୦୪ । ପ୍ରକଳ୍ପର ତିନୋଟି ଆବଶ୍ୟକୀୟ ଅଂଶ ଯଥା ମତ୍ସ୍ୟ ସଂପଦ ପରିଚାଳନା, ଆୟର ଉପାୟ ବୃଦ୍ଧି, କ୍ଷମତା ଗଠନ ଦ୍ୱାରା । ଏଫ୍. ଆର୍.ଏମ୍.ପି. ପୁରା ଦେଶରେ ୧୮ଟି ଅଞ୍ଚଳର ୧୦୦ଟି ମ୍ୟୁନିସୀପାଲଟି ମଧ୍ୟରେ କାର୍ଯ୍ୟକାରୀ କରାଯାଇଛି, ଯାହାକି ପ୍ରକଳ୍ପ ପରିଚାଳନା ଅଫିସ ଦ୍ୱାରା ପରିଚାଳନା କରାଯାଏ, ଯାହାର ପ୍ରଧାନ ହେଉଛନ୍ତି ପ୍ରକଳ୍ପର ନିର୍ଦ୍ଦେଶକ । ଏଫ.ଆର୍.ଏମ୍.ପି. ର ଦୀର୍ଘ ମିଆଦି ଉଦ୍ଦେଶ୍ୟ ହେଉଛି ମତ୍ସ୍ୟ ସଂପଦକୁ ରିକ୍ତ ହେବାରୁ ରକ୍ଷା କରିବା, ଉପକୂଳବର୍ତ୍ତୀ ଅଞ୍ଚଳରେ ଗରିବୀ ଦୂରୀକରଣ, ସାମାଜିକ ଅବସ୍ଥାର ଉନ୍ନତି ।

୬ ନମ୍ବର ଅଞ୍ଚଳ (ଊସ୍‌ଟାରନ୍ ଭିସାୟାସ୍), ପ୍ରକଳ୍ପର ସ୍ଥାନ ହେଉଛି ସାପିୟାନ ବେ, ଯାହାକି ୩ଟି ମ୍ୟୁନିସିପାଲଟି ଅଧିନରେ ୧୫ଟି ଉପକୂଳବର୍ତ୍ତୀ ବେରାଙ୍ଗେ[2] ଦ୍ୱାରା ଗଠିତ: ଆକ୍‌ଲାନ୍ ପ୍ରଦେଶର ବାଟାନ୍ ଏବଂ କେ ପିଚ୍ ପ୍ରଦେଶର ଇଭିସାନ୍ ଏବଂ ସାପିୟାନ । ପ୍ରକଳ୍ପର କାର୍ଯ୍ୟକ୍ରମରେ ଏହି ଦୁଇ ପ୍ରାଦେଶିକ ସରକାର ଏବଂ ୩ଟି ସ୍ଥାନୀୟ ସରକାରୀ ଦଳ ସହ କାର୍ଯ୍ୟକାରୀ ଭାବରେ ଯୁକ୍ତ ଅଛନ୍ତି । ଆଞ୍ଚଳିକ ସ୍ତରରେ ପ୍ରକଳ୍ପ କାର୍ଯ୍ୟକାରୀ ଦଳରେ ଥାଆନ୍ତି, ଯାହାଙ୍କ ଅଧୀନରେ ଥାଆନ୍ତି ୬ ଜଣ ବି.ଏଫ.ଏ.ଆର. କର୍ମୀ ଯେଉଁମାନେ କି ପରିଚାଳନା କରନ୍ତି ପ୍ରକୃତ କାର୍ଯ୍ୟକ୍ରମ ଏବଂ ପର୍ଯ୍ୟାବେକ୍ଷଣ ଓ ମୂଲ୍ୟାୟନ ।

## ପ୍ରକଳ୍ପ କାର୍ଯ୍ୟକାରୀ ଦଳର ସଦସ୍ୟ ହିସାବରେ ଅଭିଜ୍ଞତା

### ପରିକଳ୍ପନା କାର୍ଯ୍ୟଶାଳା

କଲେଜରୁ ସ୍ନାତକ(ବି.ଏ.) ପାସ ପରେ ମୁଁ ଜଣେ ଏଫ.ଆର୍.ଏସ୍.ପି.ର ଶିଳ୍ପ ବିଜ୍ଞାନୀୟ କର୍ମଚାରୀ ଭାବେ କାର୍ଯ୍ୟ କଲି । ଯେଉଁଠାରେ ମୁଁ ଜଣେ ଉପକୂଳ ସଂପଦ ପରିଚାଳନା ଅଂଶ ଗ୍ରହଣକାରୀ ଭାବେ ଶିକ୍ଷା ପାଇଲି । ପ୍ରଥମ ଯେଉଁ କାର୍ଯରେ ମୁଁ ନିଯୁକ୍ତି ହେଲି, ସେଟା ହେଲା ପରିକଳ୍ପନା କାର୍ଯ୍ୟଶାଳା ଯେଉଁଥିରେ ପ୍ରକଳ୍ପ ପରିଚାଳନା ଅଫିସ୍, ପ୍ରକଳ୍ପ କାର୍ଯ୍ୟକାରୀ ଦଳ ଏବଂ ଆଲ୍‌କାନ ଓ କେପିଚ ପ୍ରଦେଶର ପ୍ରକଳ୍ପ କାର୍ଯ୍ୟକାରୀ କରାଲୋକ, ବାଟାନ୍, ଇଭିସାନ୍ ଏବଂ ସାପିୟାନର ମ୍ୟୁନିସିପାଲଟି ଦଳର ଲୋକମାନେ ଅଂଶ ଗ୍ରହଣ କରିଥିଲେ । ସେହି କାର୍ଯ୍ୟଶାଳାର ଫଳାଫଳ ସେହି ବର୍ଷର କାର୍ଯ୍ୟସୂଚୀ । ଏହି ଅଭିଜ୍ଞତାରୁ ମୁଁ ପ୍ରକଳ୍ପର ଆକାର ବିଷୟରେ ଆହୁରି ଅଧିକ ଜାଣି ପାରିଛି, ଏହା ସହିତ ଜଡ଼ିତ ଲୋକ ମାନଙ୍କ ସହିତ ପରିଚିତ ହେଲି, ସହଯୋଜନାର ଗୁରୁତ୍ୱ ବିଷୟରେ ଆହୁରି ଅଧିକ ଜ୍ଞାନ ପାଇପାରିଲି, ପ୍ରତକ୍ଷ୍ୟ ଅଂଶ ଗ୍ରହଣ କରିବା ଓ ଅଭିଜ୍ଞତା ବାଣ୍ଟିବାର ସୁଯୋଗ ପାଇଲି ।

### ଅଂଶଗ୍ରାହୀ ଉପକୂଳବର୍ତ୍ତୀ ସଂପଦ ନିର୍ଦ୍ଧାରଣ (ପି.ସି.ଆର୍.ଏ.)

ପ୍ରକଳ୍ପ ଅଞ୍ଚଳରେ ମୋର ପ୍ରଥମ ପ୍ରକୃତ ଅଭିଜ୍ଞତା ହେଉଛି ଇଭିସାନେର ୩ଟି ଏଫ୍.ଆର୍.ଏମ୍.ପି[3] ଉପକୂଳବର୍ତ୍ତୀ ବେରାଙ୍ଗେ ର ପି.ସି.ଆର୍.ଏ କରା । ନିର୍ବାଚିତ ମତ୍ସ୍ୟ ଗୋଷ୍ଠୀର ନେତାମାନେ ଏହି ପି.ସି.ଆର୍.ଏ. ରେ ଅଂଶ ଗ୍ରହଣ କରିଥିଲେ । ଯେଉଁଥିରେ ଉପକୂଳବର୍ତ୍ତୀ ଅଞ୍ଚଳର ପରିବେଶ ସମ୍ବନ୍ଧରେ ଭାଷଣ, କାର୍ଯ୍ୟଶାଳା କର୍ମକ୍ଷେତ୍ରରେ ଶିକ୍ଷାର ବ୍ୟବସ୍ଥା ଥିଲା । ଅଂଶ ଗ୍ରହଣକାରୀ ମାନଙ୍କୁ କୁହାଯାଇଥିଲା ସେମାନଙ୍କର ବେରାଙ୍ଗେର ମାନଚିତ୍ରରେ ବିଭିନ୍ନ ଜୀବିକା ବାହ୍ୟ ପରିବେଶ (ବାଲୁକା ଉପକୂଳ ଓ ପାର୍ବତ୍ୟ ଉପକୂଳ) ଚିହ୍ନିବା ପାଇଁ, ତଥା ବେରାଙ୍ଗେର ସଂପଦ, ତାର ବ୍ୟବହାର ଓ ବେରାଙ୍ଗେ ଉପରେ ତାର ପ୍ରଭାବ କଣ ତାହା ସେମାନଙ୍କ ପାଖରୁ ଜଣାଯାଇଥିଲା ।



PCRA କାର୍ଯ୍ୟକାରୀ ଏବଂ ଅଂଶ ଗ୍ରହଣକାରୀ ମାନେ ବାରେଙ୍ଗେ ବଲାଓ, ସେମିୟାନ ଏବଂ କେପିଜ ଅଞ୍ଚଳର ମେନ୍ ଗ୍ରୋଭ ଏରିୟାରେ ଫିଲ୍‌ଡ କାର୍ଯ୍ୟ କରୁଛନ୍ତି ।

ମେନ୍‌ଗ୍ରୋଭ ଗଛର ଅଞ୍ଚଳରେ ବର୍ତ୍ତମାନ ପରିବେଶର ଅବସ୍ଥା ନିର୍ଦ୍ଧାରଣ କରିବା ପାଇଁ ଏବଂ କାର୍ଯ୍ୟଶାଳା ସମୟରେ ଯେଉଁ ସଂପଦର ମାନଚିତ୍ର ତିଆରି କରାଯାଇଥିଲା ତାର ମୂଲ୍ୟାୟନ କରିବା ପାଇଁ କ୍ଷେତ୍ରୀୟ କର୍ମଶାଳାର ଆୟୋଜନ କରାଯାଇଥିଲା । ବାଟାନ୍‌ର ୩ଟି ବେରାଙ୍ଗେ ଓ ସେପିୟାନର ୯ଟି ବେରାଙ୍ଗେରେ ସାରାବର୍ଷ ଧରି ଏହି ପ୍ରକାର କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ପ୍ରକ୍ରିୟା ମାଧ୍ୟମରେ ଉପକୂଳବର୍ତ୍ତୀ ଏବଂ ସାମୁଦ୍ରିକ ପରିବେଶ ଦ୍ୱାରା ପ୍ରଭାବିତ ସାମାଜିକ ଅବସ୍ଥା ସମ୍ବନ୍ଧରେ ମତ୍ସ୍ୟଜିବୀମାନେ ସଚେତନ ହେଲେ । ମୁଁ ଏହି ପ୍ରକଳ୍ପର ଅଂଶୀଦାର ମାନଙ୍କର ପ୍ରୟୋଜନୀୟତାର ଯଥେଷ୍ଟ ପ୍ରଂଶସା କରେ ଯେଉଁମାନଙ୍କର ଏହି ଅଞ୍ଚଳର ବର୍ତ୍ତମାନ ଅବସ୍ଥା ବିଷୟରେ ଜ୍ଞାନ, ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିଛି ।

---

୧ ଏଫ୍ ଆର ଏମ୍ ପି ବିଷୟରେ ଅଧିକ ଜାଣିବା ପାଇଁ ଦେଖନ୍ତୁ www. frmp.org.

୨ ବେରାଙ୍ଗେ ହେଉଛି ଏକ ଛୋଟ ସରକାରୀ ସଂସ୍ଥା, ଯାହାକି ଏକ ଗ୍ରାମର ବରାବର ।

୩ (ପି.ସି.ଆର୍.ଏ.) ଅଂଶଗ୍ରାହୀ ଉପକୂଳବର୍ତ୍ତୀ ସଂପଦ ନିର୍ଦ୍ଧାରଣ । ପାଟି ସିପେଟାରୀ କୋଷ୍ଟାଲ ରିସୋରସ୍ ଏସେସ୍‌ମେଣ୍ଟ ।

**ମତ୍ସ୍ୟ ଅଭୟାରଣ୍ୟ କେନ୍ଦ୍ର**

ଆକ୍‌ଲାନ୍ ପ୍ରଦେଶର ବାଟାନ୍‌ର ମେସବୁକ୍ୱିୟୁ ବାରାଙ୍ଗେର ପିଟୋ କୋରାଲ୍ ରିଫ ଏ ଅବସ୍ଥିତ (ମତ୍ସ୍ୟରକ୍ଷଣାସ୍ଥଳ) ଏବଂ ମତ୍ସ୍ୟ ସଂରକ୍ଷଣ କେନ୍ଦ୍ର ସ୍ଥାପନରେ ମୁଁ ମଧ୍ୟ ଅଂଶୀଦାର ଥିଲି । ମତ୍ସ୍ୟ ରକ୍ଷଣା ସ୍ଥଳର ସମଗ୍ର ଅଞ୍ଚଳର ନିର୍ଧାରଣ ପାଇଁ ଏବଂ ମାନଚିତ୍ରରେ ତାର ଅବସ୍ଥାନ ପାଇଁ ଆମେ ଗ୍ଲୋବାଲ ପୋଜିସନିଙ୍ଗ ସିସ୍‌ଟମ୍(ଜି.ପି.ଏସ୍)ର ବ୍ୟବହାର ଦ୍ୱାରା ରକ୍ଷଣାସ୍ଥଳରେ ଭୌଗଳିକ କେନ୍ଦ୍ର ରେକର୍ଡ କରା ହୋଇଥିଲା । ଆମେ ମେସବୁ କ୍ୱି ଓ ବେରାଙ୍ଗେର ଅଧିବାସୀ ମାନଙ୍କ ସହିତ ରକ୍ଷଣା ସ୍ଥାନର ଗୁରୁତ୍ୱ । ମୂଳ ବିଷୟ ଓ ପରିଚାଳନା ପଦ୍ଧତିକୁ ନେଇ ଆଲୋଚନା କରାଯାଇଥିଲା । ଅଧିକାଂଶ ଏହି ପ୍ରସ୍ତାବର ସପକ୍ଷରେ ମତ ଦେଇଥିଲେ, କାରଣ ସେମାନେ ଏହାର ଲାଭ ବିଷୟରେ ଜାଣି ପାରିଥିଲେ । କେବଳ ଏହି ଅଞ୍ଚଳର କେତେକ ମାଛଜାଲର ମାଲିକମାନେ ଏହି ପ୍ରସ୍ତାବର ବିରୋଧିତା କରିଥିଲେ । କାରଣ ସେମାନେ ଜାଣି ପାରିଥିଲେ ଯେ ଏହି ରକ୍ଷଣାସ୍ଥଳ ସ୍ଥାପନ ହୋଇଗଲେ ସେମାନଙ୍କର ଜାଲ କୌଣସି କାମରେ ଲାଗିବ ନାହିଁ । ଆଲୋଚନା ପରେ ବେରାଙ୍ଗେର ଅଧିକାରୀମାନେ ଏକ ପ୍ରସ୍ତାବ ପ୍ରସ୍ତୁତ କଲେ ଯେଉଁଥିରେ କି ମ୍ୟୁନିସିପାଲ ସରକାରକୁ ଅନୁରୋଧ କରାଯାଇଥିଲା ଏକ ମତ୍ସ୍ୟ ଅଭୟାରଣ୍ୟ ଅଧ୍ୟାଦେଶ ଜାରି କରିବା ପାଇଁ । ସାଙ୍ଗୁନିଆଙ୍ଗ ବେଆନ ଏବଂ ଗୋଷ୍ଠି ଲୋକମାନଙ୍କର ସହାୟତାରେ ଅବଶେଷରେ ଏହି ଅଧ୍ୟାଦେଶ ଜାରି କରାଗଲା ଏବଂ ଅଭୟାରଣ୍ୟ ସ୍ଥାପନ କରାଗଲା । ବର୍ତ୍ତମାନ ବ୍ୟବସାୟୀକ ମତ୍ସ୍ୟପ୍ରଜାତିର ଉନ୍ନତି ଏବଂ ମତ୍ସ୍ୟଜୀବି ମାନଙ୍କର ଅଧିକ ମାଛ ଧରା ପାଇଁ ସକାରାତ୍ମକ ପରିବର୍ତ୍ତନ ଦେଖା ଦେଇଛି ।

**ବେରାଙ୍ଗେ ଶିକ୍ଷା ସଂପଦ କେନ୍ଦ୍ର (ବି.ଏଲ୍.ଆର୍.ସି.)**

ମୋର ଆଉ ଏକ କାର୍ଯ୍ୟ ଥିଲା ପ୍ରକଳ୍ପର ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇ.ଇ.ସି) ବ୍ୟବସ୍ଥାର ଦାୟିତ୍ୱ । ମତ୍ସ୍ୟ ସଂପଦ ପରିଚାଳନାର ବିଭାଗ ମଧ୍ୟରେ, ଆଇ.ଇ.ସି.ର ଲକ୍ଷ ହେଉଛି ଅଂଶିଦାର ମାନଙ୍କୁ ସେହି ଅଞ୍ଚଳର ସଂପଦର ଦୀର୍ଘସ୍ଥାୟୀ ସଂରକ୍ଷଣ ପ୍ରତିରକ୍ଷା ଏବଂ ପରିଚାଳନା ସମ୍ବନ୍ଧରେ ଜଣାଇବା । ସେପିୟାନ୍ ବେ ରେ ଏଫ୍. ଆର୍.ଏମ୍.ପି. ଦ୍ୱାରା ପ୍ରଧାନ କାର୍ଯ୍ୟ ହେଲା ବି.ଏଲ୍.ଆର୍.ସିର ସ୍ଥାପନା । ବି.ଏଲ୍.ଆର୍.ସି ଏପରି ଏକ ସ୍ଥାନ ଯେଉଁଠାରେ ସୂଚନାର ଆଦାନ ପ୍ରଦାନ ହୁଏ । ଦଳଗତ ଆଲୋଚନା ହୁଏ, ଗଳ୍ପ କୁହା, ଛବି ଦେଖା, ଭାଷଣ ଏବଂ ସେମିନାର ହୁଏ । ଜଣେ ବି.ଏଲ୍.ଆର୍.ସି.ର ସଦସ୍ୟଙ୍କୁ ଏହି ସମସ୍ତ କାର୍ଯ୍ୟକ୍ରମର ଦାୟିତ୍ୱ ପାଇଁ ପୋଷ୍ଟାର କମ୍ ପି.ଟି.ସି, ସିନେମା ପ୍ରଦର୍ଶନ ଏବଂ ଗପ କହିବା । ବର୍ତ୍ତମାନ ୩ଟି ବି.ଏଲ୍.ଆର୍.ସି. ସ୍ଥାପନ କରାଯାଇଛି ଯଥା- ମେମକିକ୍ୱି ଓ ବେରାଙ୍ଗେ, ବାଟାନେର ନାପତି ଏବଂ ଇଭିସାନର କେବୁଗାଉରେ ।

**କ୍ଷମତାର ବୃଦ୍ଧି**

ତାଛଡ଼ା ଏଫ୍. ଆର୍.ଏମ୍.ପି. କ୍ଷମତା ବୃଦ୍ଧି ପାଇଁ ଜନ ସଂଗଠନ ଓ ଗୋଷ୍ଠି ପରିଚାଳକ ମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରେ, ସେହି ବିଭିନ୍ନ କାର୍ଯ୍ୟକ୍ରମ ହେଲା:

**ନାପତି ଏବଂ କେବୁଗାଉ ବେରାଙ୍ଗେରେ**

* ମେନ୍‌ଗ୍ରୋଭ ଗଛର ନାର୍ସାରୀର ସ୍ଥାପନା ଏବଂ ଚାରାରୋପଣ ପରିଚାଳନା
* ଯେଉଁ ଅଞ୍ଚଳରେ ସଫଳ ଉପକୂଳ ସଂପଦର ପରିଚାଳନା ହେଉଛି ସେହି ଅଞ୍ଚଳକୁ ଗୋଷ୍ଠିର ନେତା ମାନଙ୍କୁ ପରିଦର୍ଶନ କରାଇବାକୁ ନେଇ ଯାଇଥିଲେ ।
* ଫିଲିପିନ୍ ଫିସାରି କୋଡ୍ ଅଫ୍ ୧୯୯୮ ର ପରିବର୍ତ୍ତନ ।
* ମାସବିକ୍ୱିଓ ବେରାଙ୍ଗେ ମିଲ୍କ ଫିସ୍‌ରେ ଉପରେ ଟ୍ରେନିଂ ।

ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ଦ୍ୱାରା ମୁଁ ମତ୍ସ୍ୟଜୀବି ମାନଙ୍କର ସଂସ୍ପର୍ଶରେ ଆସିଥିଲି, ସେମାନଙ୍କ ଚିନ୍ତାଧାରାର ପରିବର୍ତ୍ତନ ପୁଣି ମତ୍ସ୍ୟ ଚାଷ ସଂପର୍କୀୟ ସମସ୍ୟାର ସକାରାତ୍ମକ ପ୍ରତିକ୍ରିୟାର ଆଗ୍ରହ ଦେଖିଥିଲି ।

**ବ୍ୟକ୍ତିଗତ ପ୍ରତିକ୍ରିୟା**

ସେପିୟାନ ଉପକୂଳର ଅନେକ କାର୍ଯ୍ୟକ୍ରମ ଏଫ.ଆର.ଏମ୍.ପି.ର ଲକ୍ଷ ହାସଲ ଉପରେ ପରିଚାଳନା କରାଯାଇଥିଲା । ପ୍ରଥମେ ଉପକୂଳ ଅଞ୍ଚଳର ଅଧିବାସୀ ଓ ସ୍ଥାନୀୟ ସରକାରୀ କର୍ମଚାରୀ ମାନେ ପ୍ରକଳ୍ପର ଦୃଷ୍ଟାନ୍ତ ଫଳାଫଳ ଦେଖିବାକୁ ଚାହିଁଥିଲେ ଯେପରି "ଡୋଲେ ଆଉଟ" ଜୀବିକା ନିର୍ବାହ ପ୍ରକଳ୍ପ । କିନ୍ତୁ ଉନ୍ନୟନ ପ୍ରକଳ୍ପ ଏଫ.ଆର୍.ଏମ୍.ପି. ସମ୍ବନ୍ଧରେ ସନ୍ଦେହ ପ୍ରକାଶ କରିଥିଲେ । ନିୟମିତ ବୁଝାଇବା ଏବଂ ଅଇ.ଇ.ସି. ଶିବିର ଦ୍ୱାରା ଲୋକମାନେ ଧିରେ ଧିରେ ବୁଝିଥିଲେ ଯେ ପାହାଚ ପରେ ପାହାଚ ମାଧ୍ୟମରେ ସଫଳତାରେ ପହଞ୍ଚି ହେବ ।

ପ୍ରକଳ୍ପର ଲକ୍ଷ କେବଳ ପ୍ରତ୍ୟକ୍ଷ୍ୟ ବିକାଶ ନୁହେଁ । ମାତ୍ର ଆୟବୃଦ୍ଧି ପାଇ ପ୍ରକଳ୍ପ ଏବଂ ଗଠନ, ବରଂ ମତ୍ସ୍ୟ ସଂପଦର ପରିଚାଳନା କ୍ଷେତ୍ରରେ ଗୋଷ୍ଠିର ଲୋକମାନଙ୍କୁ ଏବଂ ସ୍ଥାନୀୟ ସରକାରୀ ସଂସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ସଚେତନା କରାଇବା ଏହାର ଲକ୍ଷ ଏଫ. ଆର. ଏମ୍.ପି.ର ସଫଳତାର ସୂଚକ ଏବଂ ପ୍ରକଳ୍ପର ଦୀର୍ଘସ୍ଥାୟୀ ଦାନର ଉଦାହରଣ ହେଉଛି ଗୋଷ୍ଠିର ଲୋକମାନଙ୍କ ମଧ୍ୟରେ ଅଧିକାର ଏବଂ ଦାୟୀତ୍ୱବୋଧର ସଚେତନତା ।

ଟି.ଜେ.ଏ.ସାନ୍ ଡିଆଗୋ ଜଣେ ବି.ଏଫ.ଏ.ଆର. ର ଏଫ.ଆର.ଏମ୍.ପି. ପ୍ରକଳ୍ପ କାର୍ଯ୍ୟକାରୀ ଦଳର ଶିଳ୍ପ ବିଜ୍ଞାନିକ ସଦସ୍ୟ । ତାଙ୍କର ଯୋଗାଯୋଗର ଠିକଣା < Frmp 6 @ skyinet.net >

୪ ସାନ୍‌ଗୁନିଆଙ୍ଗ ବେୟାନ, ଅଥବା ମ୍ୟୁନିସିପାଲ୍ କାଉନ୍‌ସିଲ୍ ହେଉଛି ଏକ ସ୍ଥାନୀୟ ବ୍ୟବସ୍ଥାପକ ଦଳ ।

# ସିଆଡ୍ ଉଦ୍ୟୋଗର ଗୋଟିଏ ବିଶେଷ ଦୃଷ୍ଟିଭଙ୍ଗୀ ଏବଂ ଅଂଶଗ୍ରାହୀ ଭାବେ ସ୍ଥାନୀୟ ଉନ୍ନତିର ପରିକଳ୍ପନା

ଏଲିଜାବେଥ୍ ଏମ୍ ଗଞ୍ଜାଲେସ୍

## ସିଆଡ୍

ସ୍ଥାନୀୟ ସରକାରର ଗଠନରେ ଗୋଷ୍ଠିର ସଦସ୍ୟମାନଙ୍କର ବହୁତ ଭାବରେ ସମ୍ମିଳନର ଗୋଟେ ଚେଷ୍ଟା ହେଉଛି ଦୀର୍ଘସ୍ଥାୟୀ ମିଶ୍ରିତ ଅଞ୍ଚଳର ବିକାଶ, "ସିଆଡ୍" । ଫିଲିପାଇନ୍ ପାର୍ଟନାର୍‌ସିପ୍ ଫର ଦି ଡେଭଲପ୍‌ମେଣ୍ଟ ଅଫ୍ ହ୍ୟୁମାନ୍ ରିସୋର୍ସେସ୍ ଇନ୍ ରୁରାଲ୍ ଏରିଆସ୍(ଫିଲ୍‌ଧାରା) ସିଆଡ୍ ହେଉଛି ଫିଲ୍‌ଧାରାର ସମଜାତୀୟ କାର୍ଯ୍ୟକ୍ରମ ଆଉ ସକଳ ବେସରକାରୀ ଗୋଷ୍ଠୀର ରାଷ୍ଟ୍ରୀୟ ସଚିବାଳୟ । ଏହାର ପଦ୍ଧତି ହେଲା ଦୀର୍ଘସ୍ଥାୟୀ ବିକାଶ ଏବଂ ଜନଶକ୍ତି ଗଠନ । ଫିଲ୍‌ଧାରା ର ସଦସ୍ୟ ଦ୍ୱାରା ନିର୍ବାଚିତ ସିଆଡ୍ ଗୋଷ୍ଠିର ବିକାଶ ପାଇଁ ଜୋର ଦିଆହୋଇଥିଲା । ଯାହାଠାରୁକି ଅତି ବିକଶିତ ଉଚ୍ଚ ଭୂମି ଓ ନିମ୍ନ ଭୂମି ଉପକୂଳବର୍ତ୍ତୀ ଅଞ୍ଚଳର ବିକାଶ କରାଯାଇ ପାରିବ । ଗୋଟିଏ ମ୍ୟୁନିସିପାଲଟିକୁ ବଛାଗଲା ଗୋଟିଏ ମୂଳ ପରିକଳ୍ପନା ଦଳ ରୂପେ ଯିଏକି ସମଜାତୀୟ ଅଞ୍ଚଳ ଗୁଡ଼ିକ ବାଛି ପାରିବେ । ଫିଲ୍‌ଧାରା ସିଆଡ୍ ଉଦ୍ୟଗର ଅଂଶ ହେଲା ସ୍ଥାନ ନିର୍ବାଚନ ଏବଂ ପରିକଳ୍ପନା କରିବା । କ୍ଷମତା ଗଠନ, କାର୍ଯ୍ୟକ୍ରମ ସହଯୋଜନ ଏବଂ ସହଭାଗୀତା ଓ ଗଠନ କରା, ଦଳ ସଂଗଠନ ପାଇଁ ସଂପଦର ବ୍ୟବହାର, ସଂପଦର ବ୍ୟବହାର ସମୟ ସୀମା ବୃଦ୍ଧି, ଉତ୍ପାଦନ ପଦ୍ଧତିର ବିକାଶ । ଫିଲ୍‌ଧାରା ଅଞ୍ଚଳବ୍ୟାପି କାର୍ଯ୍ୟକ୍ରମ ଏବଂ ସଦସ୍ୟ ସେବା ଦ୍ୱାରା ସିଆଡ୍‌କୁ କାର୍ଯ୍ୟକାରୀ କରାହୁଏ । ଏହାର କାର୍ଯ୍ୟଦ୍ୱାରା ସମସ୍ତେ ସିଆଡ୍‌ର ପ୍ରଚେଷ୍ଟାକୁ ଭଲଭାବରେ ବୁଝିପାରିବେ ।

## ନିର୍ବାଚିତ ସ୍ଥାନ

ବାରୋଟେକ୍ ଭିଜ୍ ଇଲୁ ଇଲୁର ଗୋଟେ ତୃତୀୟ[୫] ଶ୍ରେଣୀର ମ୍ୟୁନିସିପାଲ୍‌ଟି ଯେଉଁଟାକି ଇଲୁ ଇଲୁ ସହରରୁ ୨ଘଣ୍ଟାର ଗାଡ଼ିର ଯାତ୍ରା । ଏଠାରେ ଉଚ୍ଚଭୂମି, ନିମ୍ନ ଭୂମି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳ ଅଛି ଯେଉଁ ଟାକି ସିଆଡ୍‌ର ତିନି ପ୍ରକାରର ଗବେଷଣା ଅଞ୍ଚଳର ଚାହିଦାଟିକୁ ପୂର୍ଣ୍ଣକରେ । ଏଇଟା ଆହୁରି ଗୋଟେ ପ୍ରକଳ୍ପର ନିର୍ବାଚନ ସ୍ଥାନ ଯାହାର କାମ ହେଲା ଅଂଶଗ୍ରାହୀ ଭାବେ ସ୍ଥାନୀୟ ସରକାରୀ ଦଳକୁ ଏକଜୁଟ୍ କରାଇବା ଯାହାକି ପୌରସଂଘର କୃଷି ବିକାଶ ଏବଂ ଉନ୍ନତି ପାଇଁ କାର୍ଯ୍ୟ କରିବେ । ଦା ପାରାଡୁଶ ଏସ୍ ଜି ଏମ୍ ଜିଏ ଆର୍‌ଗାନାଜିଅଁ ଏସ୍ ଜି ମାଙ୍ଗୁନ୍‌ଗୁମା (ପାଟୋନମ୍), ଏଇଟା ଗଣସଂଗଠନର ଗୋଟେ ଫେଡେରେସନ୍, ଫିଲ୍‌ଧାରାର ସହାୟତାର ଏହି ପ୍ରକଳ୍ପଟିକୁ ଚଲାଯାଏ । ପାଟାନମ୍ ଗୋଟେ ଜନସଂଗଠନ ପ୍ରସ୍ତୁତ କରିଅଛି । ଯେଉଁଟାକି ଏହି ସବୁ କାର୍ଯ୍ୟ ଆରମ୍ଭ କରିବା ପାଇଁ ଗୋଟେ ଉଦ୍ୟମ ନେଇଛି । ଯେହେତୁ ସ୍ଥାନୀୟ ସରକାରୀ ଦଳ ଏବଂ ପାଟାନମ୍‌ର ଭିତରେ ଗୋଟେ ବୁଝାମଣା ଅଛି ସେଥିପାଇଁ ବେରଟାକ୍ ଭିଜ୍ ଗୋଟେ ଆଦର୍ଶ ସ୍ଥାନ ସିଆଡ୍ କାର୍ଯ୍ୟକ୍ରମ ପାଇଁ ।

## ବିଶେଷଃ ଦୃଷ୍ଟିଭଙ୍ଗୀ

କ୍ଷମତା ଗଠନର ଗୋଟେ କାର୍ଯ୍ୟକ୍ରମ ହିସାବରେ ସିଆଡ୍‌ର ଦୃଷ୍ଟିଭଙ୍ଗୀ ଆରମ୍ଭ ହେଲା । ନଭେମ୍ବର ୨୦୦୨ରେ ବାରଟାକ୍‌ର ମ୍ୟୁନିସିପାଲ୍ ହଲ୍‌ରେ ସେଇଠାରେ ୩୫ଟି ଅଂଶଗ୍ରହଣ କରିଥିଲେ । ଯେଉଁମାନେକି କୃଷି, ମାଛଚାଷୀ, ସ୍ଥାନୀୟ ଲୋକ, ବରିଷ୍ଠ ନାଗରିକ ଏବଂ ମହିଳା, ଜିପିନି ଡ୍ରାଇଭର, ରିକ୍ସା ଚାଳକ ମାନଙ୍କର ପ୍ରତିନିଧିଗଣ ଥିଲେ । ଏହି କାର୍ଯ୍ୟଶାଳାରେ ଅଂଶକାରୀ ମାନଙ୍କୁ ନିଜ ବିଷୟରେ କହିବାପାଇଁ ଏବଂ କାର୍ଯ୍ୟଶାଳାରୁ କେଉଁ ପ୍ରକାର ଆଶା ଅଛି ସେଇଟା କହିବା ପାଇଁ ଦିଆଗଲା । ଜୋସେଫେନ୍ ସାଭାରିସ୍ ଯିଏକି ଫିଲ୍‌ଧାରାର କାର୍ଯ୍ୟକ୍ରମ ସହଯୋଜନକାରୀ, ସେ ଗୋଟେ ସିଆଡ୍ ଉପରେ ବକ୍ତବ୍ୟ ଦେଲେ । ଅଂଶଗ୍ରହଣକାରୀ ମାନଙ୍କୁସିଆଡ୍ ର ଦୀକ୍ଷା, ଧାରଣା, ସିଦ୍ଧାନ୍ତ ଏବଂ ବିଶିଷ୍ଟତା ସମ୍ବନ୍ଧରେ କୁହାଗଲା ।



ମେନୁଏଲ୍ ପୁଜନ (ବାମ) ଇନୋପାକାନ୍‌ରେ ସିଆଡ୍‌ର ଏକ ଏକ୍ସଟାରନାଲ୍ ଇଭାଲୁଏସନ୍ ସମୟରେ

୫. *ବାର୍ଷିକ ଆୟ ଉପରେ ନିର୍ଭର କରି ମ୍ୟୁନିସିପାଲଟି ଗୁଡ଼ିକର ଅର୍ଥନୈତିକ ବିଭାଜନ କରାଯାଏ । ବାର୍ଷିକ ଆୟ ହୁଏ ୨୧-୨୭ ମିଲିୟନ ପେସସ୍ (US $ 420,000 - 540,000)*

**ସାକ୍ଷ୍ୟ ପ୍ରମାଣ**

ଲିଟିର ଇନ୍‌ପାକାନ୍‌ର ମୁଖ୍ୟ ନିର୍ବାଚିତ ସ୍ଥାନରେ ୧୯୯୪ରୁ ୨୦୦୧ ପର୍ଯ୍ୟନ୍ତ ସିଆଡ଼୍‌ର ଅଭିଜ୍ଞତା ସମ୍ବନ୍ଧରେ ଗୋଟେ ଚଳଚ୍ଚିତ୍ର ପ୍ରସ୍ତୁତ କରାଗଲା, 'ଏ ଟାଉନ୍‌ସ୍କିକ' । ଏହି ଚଳଚ୍ଚିତ୍ର ସାକ୍ଷ୍ୟ ଗୁଣ ଥିଲା ସମାଜର ବିଭିନ୍ନ ସ୍ତରର ଲୋକମାନଙ୍କର ଜୀବିକା ନିର୍ବାହ ଉପରେ ସିଆଡ଼୍‌ର କାର୍ଯ୍ୟକ୍ରମର ଭୂମିକା ଓ ତାର ପ୍ରଭାବ । ଏହିଠାରେ ଗୋଟେ ଗୁରୁତ୍ୱପୂର୍ଣ୍ଣ ସାକ୍ଷ୍ୟ ଥିଲା ମେନୁଆଲ୍ ପାଜନ୍‌ର, ଯିଏକି ଗୋଟେ ସ୍ନାତକ ମାଛ ଚାଷୀ ଥିଲା ଆଉ ସେ ତାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲା ଗୋଟେ ମାଛଚାଷର ସଂଗଠନ ସାମାନ୍ୟ ସଦସ୍ୟ ରୂପରେ । ସଭାରେ ସେ ସର୍ବଦା ଚୁପ୍‌ଚାପ ବସିରହୁଥିଲା । ଯେପରି ସିଆଡ଼୍‌ର କାର୍ଯ୍ୟକ୍ରମ ବୃଦ୍ଧି ହେବାକୁ ଲାଗିଲା । ତାହା ଭିତରେ ଗୋଟେ ନେତୃତ୍ୱର ବିକାଶ ଘଟିଲା । ସେ ନିଜ ସଂଗଠନର ସହ-ନିର୍ଦ୍ଦେଶକ ବଛାଗଲେ ଏବଂ ସ୍ଥାନୀୟ ପ୍ରଶିକ୍ଷଣ ଦଳରେ ସଦସ୍ୟ ହେଲେ ଯେଉଁମାନେ ମାଛଚାଷ ସଂଗଠନ ପାଇଁ ସଭା ସମିତିର ଆୟୋଜନ କରନ୍ତି । ବର୍ତ୍ତମାନ ସେ ଇନ୍‌ପୋକାନ୍ ମ୍ୟୁନିସିପାଲଟି ଦ୍ୱାରା ନିଯୁକ୍ତ ଅଛନ୍ତି । ମ୍ୟୁନିସିପାଲଟିର ଅନ୍ୟନ୍ୟ ବେରାଙ୍ଗେ ଗୁଡାରେ ଗୋଷ୍ଠି ସଂଗଠନ କାମ ପାଇଁ କାର୍ଯ୍ୟରତ ଅଛନ୍ତି ।

**ଅଂଶଗ୍ରାହୀଭାବେ ସ୍ଥାନୀୟ ବିକାଶର ପରିକଳ୍ପନା**

ଦ୍ୱିପହରର ସଭା ଆରମ୍ଭ ହେଲା ଗୋଟେ ଅଂଶଗ୍ରାହୀ ଭାବେ ସ୍ଥାନୀୟ ବିକାଶର ପରିକଳ୍ପନା ବକ୍ତବ୍ୟ ଦ୍ୱାରା, ଗୋଟିଏ ନିର୍ବାଚିତ ସ୍ଥାନର ଉନ୍ନତିର ବିକାଶର ପରିକଳ୍ପନାର କାର୍ଯ୍ୟସୂଚୀର ପ୍ରସ୍ତାବ । ସ୍ଥାନୀୟ ସରକାରୀ ଦଳ ଦ୍ୱାରା ପ୍ରସ୍ତୁତ କମ୍‌ପ୍ରିହେନ୍‌ସିଭ୍ ଲେଣ୍ଡ ୟୁଜ୍ ପ୍ଲାନ୍(ସି.ଏଲ୍.ୟୁ.ପି.) ଗୋଟେ ଉଦାହରଣ । ଯେହେତୁ ସି ଏଲ ୟୁ ପି ପୂର୍ବରୁ ହିଁ କାର୍ଯ୍ୟରତ ହୋଇସାରିଛି ସେଥିପାଇଁ ଇନ୍‌ପୋକାନ୍ ର ଜାଗାରେ ସିଆଡ଼୍‌କୁ ଗ୍ରହଣ କରିବା ହିଁ ଫିଲ୍‌ଧାରାର ପାଖରେ ଗୋଟେ ପ୍ରୋବେଶ ଦ୍ୱାରା ଗୋଟେ ଚଳଚ୍ଚିତ୍ର – "ଦି ବୋଲ୍ଡ ଷ୍ଟେପ୍ ଟୁୱାର୍‌ଡ୍‌ସ ସାସ୍‌ଟେନେବଲଇ ଇନ୍‌ଟେଗ୍ରେଟେଡ୍ ଏରିଆ ଡେଭ୍‌ଲପମେଣ୍ଟ" ଇନ୍‌ପୋକାନ୍ ଅଞ୍ଚଳରେ ଅଂଶଗ୍ରାହୀ ଭାବେ ସ୍ଥାନୀୟ ବିକାଶର ପରିକଳ୍ପନାର କାର୍ଯ୍ୟକ୍ରମ । ଏହିଠାରେ ଟିକିନିଖି ଭାବରେ ଫିଲ୍‌ଧାରାରେ କାର୍ଯ୍ୟକ୍ରମ ଗୁଡାକ ଦେଖାହେଇଛି, ଯାହାର ଫଳ ସ୍ୱରୂପ ଇନ୍‌ପୋକାନ୍ ପାଇଁ ୩୦ ବର୍ଷର "ସି ଏଲ୍ ୟୁ ପି" ପ୍ରସ୍ତୁତ କରାଯାଇଛି । ସ୍ଥାନୀୟ ସରକାରୀ ସଂସ୍ଥା, ବେସରକାରୀ ସଂସ୍ଥା, ଗଣ ସଂଗଠନର ସହଯୋଗୀତାର ପରିଶ୍ରମିୟ କାର୍ଯ୍ୟର ଦୃଷ୍ଟାନ୍ତ ହେଉଛି ଏଇଟା ଯାହାର ଫଳ ହେଉଛି ଗୁରୁତ୍ୱପୂର୍ଣ୍ଣ ଦୀର୍ଘସ୍ଥାୟୀ ଉନ୍ନତିର ବିକାଶ ।

**ସ୍ଥାନୀୟ ଆଞ୍ଚଳିକ ପ୍ରସ୍ତୁତିକରଣ (ଏଲ୍. ଏସ୍. ଆର୍.[୬])**

ଶେଷ କାର୍ଯ୍ୟକ୍ରମ ଥିଲା ସ୍ଥାନୀୟ ଆଞ୍ଚଳିକ ପ୍ରସ୍ତୁତିକରଣର ବିଷୟ ଆଲୋଚନା: ଅଂଶଗ୍ରାହୀ ଭାବେ ସ୍ଥାନୀୟ ସରକାରଙ୍କୁ ପ୍ରସ୍ତୁତ କରିବା ପାଇଁ ଗୋଟେ ଉପଦେଶ, ଲୋକାଲ୍ ଗର୍ଭନ୍‌ମେଣ୍ଟ କୋଡ୍ ଅଫ ୧୯୯୧ ରେ ଏଲ୍.ଏସ୍.ଆର. ଲେଖାହୋଇଛି । ଯେହେତୁ କିଛି ନିର୍ଦ୍ଦିଷ୍ଟ ନିର୍ବାଚନ ପ୍ରକ୍ରିୟା ନଥିବାରୁ ଏହାକୁ ସ୍ଥାନୀୟ ସ୍ତରରେ କାର୍ଯ୍ୟ କରାଯାଇ ନାହିଁ । ତାପରେ କଂଗ୍ରେସର ସହଯୋଗ ଦଳ ଓ ସଚିବ ମାନେ ଏଲ୍.ଏସ୍.ଆର୍.ର ଉପରେ ଗୋଟେ ବିଲ୍ ଗୃହୀତ କରାଗଲା । ତା' ଛଡ଼ା ବିଲ୍‌ଟିକୁ ଶିଘ୍ର ସୀକୃତି ପ୍ରଦାନ କରିବା ପାଇଁ ପୂରା ଦେଶବ୍ୟାପି ସକଳ ବେସରକାରୀ ସଂସ୍ଥା ଦ୍ୱାରା ହସ୍ତାକ୍ଷର ଅଭିଯାନ କରାଗଲା । ଶେଷ ବକ୍ତବ୍ୟରେ ଯେଶେଫିନ୍ ସାହାରିସ୍ ସ୍ଥାନୀୟ ସରକାରୀ ଦଳର ସହଯୋଗୀତାର ଗୁରୁତ୍ୱ ଟିକ୍ ସିଆଡ୍ କିପରି ବୁଝିପାରିଲା ସେହି ବିଷୟରେ କହିଲେ । କାହିଁକିନା ସ୍ଥାନୀୟ ସରକାରୀ ଦଳ ଗୁଡ଼ିକ ଉପାଖରେ ସଂସ୍ଥାଗତ କ୍ଷମତା ଅଛି ଏହି ପ୍ରକଳ୍ପ ଗୁଡ଼ିକୁ ବିଭିନ୍ନ ମ୍ୟୁନିସିପାଲଟି ଏବଂ ଅଞ୍ଚଳଗୁଡ଼ିକରେ ଲାଗୁ କରିବା ପାଇଁ ।

**ଅନୁସରଣ କ୍ରିୟା**

ମାର୍ଚ୍ଚ ୨୦୦୩ ରେ ଅନୁସରଣ କ୍ରିୟା ହିସାବରେ ଦୁଇଟି ଅଂଶଗ୍ରାହୀ ଗ୍ରାମ୍ୟ ବିଶ୍ଳେଷଣ ଶିକ୍ଷଣୀୟ ଶିବିର ଚଲାଗଲା । ଯେଉଁଟାରକି ପାଞ୍ଚ ପାଞ୍ଚ ସଦସ୍ୟ କରି ୨୬ଟି ବାରାଙ୍ଗାରେ ଦୁଇ ଭାଗରେ ଅଂଶଗ୍ରହଣ କରିଥିଲେ । ସେମାନେ ନିଜ ନିଜର ବାରାଙ୍ଗା ଗୁଡ଼ିକରେ ସରକାରୀ ସ୍ଥାନୀୟ ଗବେଷଣାକାରୀ ରୂପେ ନିଯୁକ୍ତି ହେଲେ । ବେଶୀ ଭାଗ ଅଂଶ ଗ୍ରହଣ କରିଥିଲେ ବାରାଙ୍ଗାରେ ସ୍ୱାସ୍ଥ କର୍ମୀ, ଖାଦ୍ୟ ବିଶେଷଜ୍ଞ ଏବଂ ସେବା ଅଧିକାରୀ ଯେଉଁମାନେ କି ତଥ୍ୟ ସଂଗ୍ରହ ବିଷୟରେ ସହଯୋଗ ରୂପରେ ଶିକ୍ଷିତ ହେଲେ । ବର୍ତ୍ତମାନରେ ସବୁ ବାରାଙ୍ଗ ଗୁଡ଼ିକରେ ତଥ୍ୟ ସଂଗ୍ରହ କାର୍ଯ୍ୟ ଚାଲୁଅଛି । ଯେତେବେଳେ ଏହି କାର୍ଯ୍ୟଟି କରିଯିବ, ପାଟାନମ୍ ଗୋଟେ ଚାରିସଂଖ୍ୟାନ୍‌ବିତ୍ କୁ ନିଯୁକ୍ତ କରି ସ୍ଥାନୀୟ ଗବେଷକ ମାନଙ୍କୁ ତଥ୍ୟ ବିଶ୍ଳେଷଣ ବିଷୟରେ ଶିକ୍ଷା ପ୍ରଦାନ କରିବେ ।

ସମସ୍ତ ଗଣସଂଗଠନର ନିର୍ଦ୍ଦେଶକ ଦ୍ୱାରା ସାକ୍ଷରିତ କାର୍ଯ୍ୟ ପାଇଁ ଆହ୍ୱାନଟା ସମସ୍ତ ସଚିବଙ୍କୁ ପଠାଗଲା ଏପ୍ରିଲ୍ ୨୦୦୩ ସେନେଟ୍ ସମ୍ମିଳନର ସମୟରେ ।

ଏଲିଜାବେଥ୍ ଏମ୍ ଗୋଞ୍ଜାଲେସ୍ ଫିଲିପିନ୍‌ସ୍ ର ସଞ୍ଚାରକ କେନ୍ଦ୍ରର ପ୍ରବନ୍ଧର । ତାଙ୍କର ଯୋଗାଯୋଗର ଠିକଣା ହେଉଛି

< Streambfar-phil @ skyinet. net >

ସିଆଡ୍ ଏବଂ ମେନୁଆଲ ପାଜନର ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ଗଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ ଯୋଶିଫିନ୍ ସେଭାରିସ୍କ ଏକ ସହିତ ଯୋଗାଯୋଗର ଠିକଣା – < phild vissect @ pacific.net.ph>

୬. ଲୋକାଲ ସେକ୍‌ଟୋରାଲ ରିପ୍ରେଜେନ୍‌ଟେସନ୍

## ଦଳ-ଗଠନ, ଉତ୍ପାଦନର ସଫଳତା, ସମ୍ବଳ ଦଖଲକାରୀଙ୍କ ବିରୋଧରେ ସଂଗ୍ରାମ

*ବି.କେ.ସହାୟ, କେ.ପି.ସିଂହ ଏବଂ ଏସ୍.ଏନ୍. ପାଣ୍ଡେ।*

୧୯୯୬ଠାରୁ ନେହାଲୁ କ୍ଲାସଟାର ର ଅମ୍ବର ଟୋଲି ଠାରେ କ୍ରିବକୋ-ଇଷ୍ଟ[୭] ଦ୍ୱାରା ପୋଖରୀ ପରିଷ୍କାର, ଦଳସଫା ଓ ଚୂନ ପ୍ରୟୋଗର କାର୍ଯ୍ୟ ଆରମ୍ଭ ହୋଇଥିଲା ଯାହାକି ପୂର୍ବରେ ବିହାର ପ୍ରଦେଶରେ ଥିଲା ଯାହାକି ବର୍ତ୍ତମାନ ଝାଡ଼ଖଣ୍ଡ ପ୍ରଦେଶରେ ଅବସ୍ଥିତ । ଗାଁର ୧.୯୬ ଏକର ସର୍ବସାଧାରଣ ପୋଖରୀରେ ଗ୍ରାମବାସୀମାନେ ଗାଧୋଇବା ପାଇଁ, ପଶୁମାନଙ୍କୁ ଧୋଇବା ପାଇଁ ଏବଂ ଜଳସେଚନ ପାଇଁ ବ୍ୟବହାର କରୁଥିଲେ । ୧୯୯୬ ମସିହା ପୂର୍ବରୁ ସେଠାରେ ମତ୍ସ୍ୟଚାଷ ନଥିଲା । ତାପରେ ଅମ୍ବର ଟୋଲିର ଯୁବକଗୋଷ୍ଠି ଏବଂ ୩୬ଟି ଘରର ମୁରବିମାନେ ମତ୍ସ୍ୟଚାଷ ଆରମ୍ଭ କରିଥିଲେ । ସେମାନେ କ୍ରିବକୋ-ଇଷ୍ଟ ଠାରୁ ଶିକ୍ଷା ଗ୍ରହଣ କରିଥିଲେ ଏବଂ ଜୁନ ମାସରେ ସେମାନେ SRI[୮] ଠାରୁ ବିହନ ଆଣି ଗଚ୍ଛିତ କରିଥିଲେ । (୧୦,୦୦୦ ଫିଙ୍ଗାର ଲିଙ୍ଗସ୍ ଯାହାକି ୩୦ ମିଲିମିଟାରର) ଏହାପରେ ଗ୍ରାମବାସୀମାନେ ଓ ପ୍ରକଳ୍ପ ମିଶି କି ପ୍ରକାର ସାହାଯ୍ୟ ଦେଇ ପାରିବେ ଯେପରି କିଏ କେଉଁ କାର୍ଯ୍ୟ କରିବ ସେ ସମ୍ପର୍କରେ ଏକ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରିଥିଲେ । ଦଳର ସଦସ୍ୟମାନେ ଠିକ୍ କଲେ ଯେ କେଉଁ ସଦସ୍ୟମାନେ ମାଛକୁ ଖାଦ୍ୟଦେବା, ଜଗିବା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିବେ । ଗ୍ରାମବାସୀମାନେ ସପ୍ତାହରେ ୬୦-୭୦ କେ.ଜି. ଶୁଖିଲା ଗୋବର ପାଛିଆରେ ଆଣି ଯାହାକି ସାବଧାନତା ପାଇଁ ଦରକାର ତାହା ଯୋଗାଇଲେ । ଫିଙ୍ଗାର ଲିଙ୍ଗସ୍ ଗୁଡ଼ିକୁ ହାପା ନେଟ୍‌ରେ ଚିକିତ୍ସା କରିବା ପରେ ପୋଖରୀରେ ଛଡ଼ଗଲା ।

### ଫଳାଫଳ

୧୯୯୬ରେ ପାଣି ନିଷ୍କାସନର କୌଣସି ସଠିକ୍ ବ୍ୟବସ୍ଥା ନଥିଲା, ଦଳ ଠିକ୍ ଭାବରେ ମାଛ ଉତ୍ପାଦନ କରି ପାରୁନଥିଲେ । ସେମାନେ ମାର୍ଚ୍ଚ ମାସରେ ଅମଳ କଲେ ଓ ୬୦୦୦ଟଙ୍କା ପାଇଲେ । ସେମାନଙ୍କର ବଡ଼ ଜାଲ ନଥିଲା ପୁଣି ସେମାନେ ତାଲିମ୍‌ପ୍ରାପ୍ତ ନଥିଲେ । ୨୦୦ଟଙ୍କା ସେମାନେ ଅନ୍ୟ ଗ୍ରାମରୁ ଜାଲ ଆଣୁଥିଲେ । ୧୯୯୭ରେ ମଧ୍ୟ ଗୋଷ୍ଠି ଏହି କାର୍ଯ୍ୟକୁ ଚଳାଇଲେ ସେମାନେ ଭର୍‌ବୋ ବଜାରରୁ ୨ କେ.ଜି. ଫିଙ୍ଗାର ଲଙ୍ଗସ୍ କିଣି ପୋଖରୀରେ ଛାଡ଼ିଲେ ସେ ବର୍ଷ ମାଛ ଅମଳ ଟିକେ ଭଲ ହେଲା ସେମାନେ ୯୦୦୦ଟଙ୍କାର ମାଛ ବିକ୍ରି କଲେ । ପୁରୁଣା ମାଛ ପ୍ରାୟ ୩ ରୁ ୩.୫ କେଜି ଓଜନର ହୋଇଥିଲା । ଏଥର ସେମାନେ ବିରସା କୃଷି ମହାବିଦ୍ୟାଳୟରୁ ଜାଲ ଆଣିଥିଲେ । ସେମାନେ ବାହାରକୁ ବାହାରି ଯାଉଥିବା ମାଛମାନଙ୍କୁ ଅଟକାଇବା ପାଇଁ ବାଉଁଶର ଜାଲ ଦେଲେ କିନ୍ତୁ ଅତିରିକ୍ତ ବର୍ଷା ଯୋଗୁଁ ୧୯୯୬ ପରି ସେମାନେ ଅନେକ ମାଛ ହରାଇଲେ ସେତେବେଳେ ସେମାନେ ନିଷ୍ପତ୍ତି କଲେ ଯେ ଠିକ୍ ଭାବରେ ନିଷ୍କାସନ ବ୍ୟବସ୍ଥା ନକଲେ ସେମାନେ ସଫଳ ହୋଇ ପାରିବେ ନାହିଁ, ତେଣୁ ସେମାନେ ଗୋଟିଏ ପ୍ରସ୍ତାବ ଆଣିଲେ, ଗ୍ରାମିଣ ବିକାଶ ଟ୍ରଷ୍ଟର ସହାୟତାରେ ୧୯୯୮ରେ ୬୦,୦୦୦ଟଙ୍କା ଖର୍ଚ୍ଚ କରି ଗୋଟିଏ ନିଷ୍କାସନ ପଥ ପ୍ରସ୍ତୁତ କରାଗଲା । ଗୋଷ୍ଠି ସଦସ୍ୟମାନେ ମଧ୍ୟ ସେଥିରେ ଅଧାଦାମ ନେଇ କାର୍ଯ୍ୟ କଲେ ।


ଦଳର ସଫଳତା ପୂର୍ଣ୍ଣ ଅମଳ

ବର୍ତ୍ତମାନ ଗୋଷ୍ଠି ଏବଂ ଜାନ୍‌କାର[୯] ପ୍ରକଳ୍ପ ତରଫରୁ ଅନେକ ତାଲିମ ପ୍ରାପ୍ତ ହୋଇ ଆଶାଜନକ ଉନ୍ନତି କରିଛନ୍ତି । ଗୋଷ୍ଠିର ସଂଚୟ ପାଖାପାଖି ୧୮,୦୦୦ଟଙ୍କା ( ୧୨,୦୦୦ଟଙ୍କା ବ୍ୟାଙ୍କରେ ରହିଛି ୧୨% ସୁଧରେ ପୁଣି ସଂଚୟ ଖାତାରେ ୫% ସୁଧରେ ରହିଛି ୬୦୦୦ଟଙ୍କା) ଗ୍ରାମରେ ଟଙ୍କାଧାର ଦେବାର ଦର ହେଉଛି ୧୦ ବଜାରରେ ବିକ୍ରି ପାଇଁ ଦଳର ଲୋକମାନେ ୩୦-୪୦ କେ.ଜି. ମାଛ ଧରନ୍ତି ପୁଣି ପ୍ରଥମେ ଗ୍ରୁପ୍‌ର ଲୋକମାନେ ୩୦ଟଙ୍କାରେ କିଣନ୍ତି ଅଧିକା ମାଛକୁ ୪୦ଟଙ୍କାରେ ପଡ଼ୋଶୀ ତଥା ବାହାରର ଲୋକମାନଙ୍କୁ ବିକ୍ରି କରନ୍ତି କିଛି ହେଲେ ନଷ୍ଟ ହୁଏ ନାହିଁ ।

ମତ୍ସ୍ୟଜୀବି ଗୋଷ୍ଠି ଓ ଜଣେ ଜବର ଦଖଲକାରୀଙ୍କ ମଧ୍ୟରେ ସଂଘର୍ଷ

ଯେତେବେଳେ ୧୯୯୮ରେ ନିଷ୍କାସନ ଦ୍ୱାରା ବାନାଇବା କାର୍ଯ୍ୟ ଚାଲିଥିଲା, ସେତେବେଳେ ସେହି ଗ୍ରାମର ଜଣେ ବ୍ୟକ୍ତି ଯିଏକି ରାଚିଂ[୧୦]ରେ ବାସ କରନ୍ତି ଓ ସାରଭେ ଅଫିସ୍‌ରେ କାମ କରନ୍ତି, ସେ ପୋଖରୀ ତାଙ୍କର ନିଜର ସଂପତ୍ତି ବୋଲି ଏକ ସତ୍ୱ ଦାବୀ ଜିଭିଟିର ସହ ସଂଯୋଜକଙ୍କୁ ଜଣାଇଲେ ଏବଂ କାର୍ଯ୍ୟ ବନ୍ଦ କରିବା ପାଇଁ ଅନୁରୋଧ କଲେ । ମାତ୍ର ସେତେବେଳେକୁ

୭. ଡି.ଏଫ.ଆଇ.ଡି.– ଫାନ୍‌ଡେଡ ପ୍ରୋଜେକ୍ଟ ଇନ୍ ଇଷ୍ଟର୍ନ ଇଣ୍ଡିଆ ଅଫ୍ କ୍ରିବ୍‌କୋ, ବର୍ତ୍ତମାନ ଦି ଗ୍ରାମୀଣ ବିକାଶ ଟ୍ରଷ୍ଟ ଜିଭିଟି ।

୮. ସୋସାଇଟି ଫର୍ ରୁରାଲ୍ ଇନ୍‌ଡଷ୍ଟ୍ରିଲାଇଜେସନ୍ ।

୯. ଗୋଷ୍ଠିର ଲୋକମାନେ ଜିଭିଟି ପାଖରୁ ତାଲିମପ୍ରାପ୍ତ ଅଭିଜ୍ଞ ଗ୍ରାମବାସୀ ।

୧୦. ବର୍ତ୍ତମାନ ଝାଡ଼ଖଣ୍ଡ ରାଜ୍ୟର ରାଜଧାନୀ ।

ନିର୍ମାଣ କାର୍ଯ୍ୟ ଶତକଡ଼ା ୮୦ ଭାଗ ସରିଥିଲା । ପ୍ରକଳ୍ପ ଅଧିକାରୀମାନେ ବ୍ୟକ୍ତି ଓ ଗୋଷ୍ଠିର ଲୋକମାନଙ୍କ ମଧ୍ୟରେ ବୁଝାମଣା ପାଇଁ ଚେଷ୍ଟା କରିଥିଲେ ପୁଣି ସେହି ଦାବିଟିକୁ ସର୍କଲ ଅଧିକାରୀଙ୍କୁ ସତ୍ୟାସତ୍ୟ ଜାଣିବା ପାଇଁ ଦିଆଯାଇଥିଲା ଓ ଅନୁରୋଧ କରାଯାଇଥିଲା ସେ ସମସ୍ତ ଖବର କ୍ରିବକୋଇଷ୍ଟ କୁ ଜଣାଇବା ପାଇଁ ।

ଖୋଜ ଖବର ପରେ ଜଣାଯାଇଥିଲା କି ତାହା ପ୍ରକୃତ ସ୍ୱତ୍ୱ ନା କି ନୁହେଁ । କାହିଁକିନା ରେଭିନିଓ ଖାତାରେ ସେ ଜମି ବିଷୟ କିଛି ଦାଖଲ କରାଯାଇ ନାହିଁ । ସେ ଜମିର କୌଣସି ଖଜଣା ମଧ୍ୟ ଦିଆ ହୋଇନାହିଁ, ଯେଉଁ ରସିଦ ପ୍ରମାଣ କରିଥାନ୍ତା ସ୍ୱତ୍ୱ ଦାବିର । ଦାବି କରିଥିବା ବ୍ୟକ୍ତି ଅନ୍ୟ ଦୁଇ ଜଣଙ୍କୁ ନେଇ ଜିଭିଟି ଅଫିସ ଓ ନାହାଲୁ ଗୋଷ୍ଠି ପରିଚାଳକ ପାଖକୁ ଯାଇ ଏ ବିଷୟରେ ଆଲୋଚନା କରି କୌଣସି ଫଳ ପାଇ ନଥିଲେ, ଶେଷରେ ନିଷ୍କାସନ ଦ୍ୱାରର କାର୍ଯ୍ୟ ସମାପ୍ତ ହୋଇଥିଲା । ଫେବୃୟାରୀ ୧୯୯୮ରେ ରାଞ୍ଚିର ଅତିରିକ୍ତ ଜିଲ୍ଲାପାଳ ଗୋଷ୍ଠିର ମାଛଚାଷ କାର୍ଯ୍ୟକ୍ରମ ଦେଖିବା ପାଇଁ ଯାଇଥିଲେ ଏବଂ ଗୋଟିଏ ମତ୍ସ୍ୟ ପାଳନ କେନ୍ଦ୍ର ନିମନ୍ତେ ୬ ଲକ୍ଷ ଟଙ୍କା ମଞ୍ଜୁର କରି ପ୍ରଥମ କିସ୍ତିର ୧ ଲକ୍ଷ ଟଙ୍କା ସେହିବର୍ଷ ଦେଇଥିଲେ ।



ବିବାଦୀୟ ପୋଖରୀ ସ୍ୱତ୍ୱାଧିକାର  କାହାର

ପୋଖରୀର ଉନ୍ନତି ପୁଣି ସରକାରଙ୍କର ସାହାଯ୍ୟ ବିଷୟ ଜାଣିବା ପରେ, ପୂର୍ବର ଦାବୀଦାର ପୁଣି କ୍ରିବକୋ ଇଷ୍ଟ ଅଫିସରେ ଦରଖାସ୍ତ ଦେଲେ କ୍ରିବକୋ ଇଷ୍ଟ ସର୍କଲ ଅଫିସରକୁ ଏ ବିଷୟରେ ପରିଷ୍କାର ତଥ୍ୟ ଦେବାକୁ କହି କାଗଜପତ୍ର ଏଲ.ଆର୍.ଡି.ସି.[୧୧] କୁ ପଠାଇ ଦେଲେ । ସେହି ଦାବିଦାର ପୋଖରୀରୁ କିଛି ମାଛ ବାହୁବଳ ପ୍ରୟୋଗ କରି ଧରିବା ପାଇଁ ଚାହିଁଥିଲେ । ମାତ୍ର ଗୋଷ୍ଠି ଲୋକମାନେ ତାର ପ୍ରତିବାଦ କରିଥିଲେ ତେଣୁ ସିଏ ଗୋଷ୍ଠି ସଦସ୍ୟ ମାନଙ୍କ ନାମରେ ଏଫ. ଆଇ.ଆର୍.[୧୨] ଜାରି କରିଥିଲେ ପୁଣି କୋଟରେ ମଧ୍ୟ ସ୍ୱତ୍ୱ ଦାବି ପାଇଁ କେସ୍ କରିଥିଲେ ।

୧୯୭୦ ମସିହାରେ ସରକାରୀ ଜମିର ସମୁଚୟ ବଣ୍ଟନ – ପଟାର ବଣ୍ଟନ ହୋଇଥିଲା ଯେଉଁଥିଲେ ନିୟମ କାନୁନର ପାଳନ ସଠିକ୍ ଭାବରେ ହୋଇନଥିଲା । ଦାବିଦାରର କାଗଜପତ୍ର ୨୭ ବର୍ଷର ପୁରୁଣା ଥିଲା ଏଲ୍.ଆର୍.ଡି.ସି. ପାଖରେ ଏହାର କୌଣସି ନଥିପତ୍ର ନଥିଲା । ଯେଉଁ କାଗଜ ପତ୍ର ଥିଲା ସେଥିରେ ସେ ଜମିରେ ବନ୍ଧ ଥିବାର ଦର୍ଶାଯାଇଛି । ଯାହାକି କାହାରି  ନିଜସ୍ୱ ଜମି ହୋଇନପାରେ । ସେହି ବନ୍ଧ ବ୍ଲକ ଅଫିସ ଅଧିନରେ ଥିଲା ଯାହାକି ସରକାର ଦ୍ୱାରା ନିର୍ମିତ ହୋଇଥିଲା ୧୯୭୦ରେ, ସେଥିପାଇଁ ଏହା କେବଳ ସରକାରୀ ଜମି ।

ଗ୍ରାମବାସୀମାନେ ସମିତି କରି ପୋଖରୀର ପ୍ରକୃତ ଦାବୀଦାରର କାଗଜପତ୍ର ଯୋଗଡ଼ କଲେ ଏହି କେସ୍‌ଟିକୁ ଏଲ୍.ଆର.ଡି.ସି. କୋର୍ଟରେ ସର୍କଲ ଅଫିସର ସୁପାରିଶରେ ଗୋଷ୍ଠିର ସପକ୍ଷରେ ଦାଖଲ କରାଗଲା । ଦଳର ଲୋକମାନ ମିଳିତ ଭାବରେ ସ୍ଥାନିୟ ଏମ୍.ଏଲ.ଏ[୧୩] ପାଖରେ ଏହା ସ୍ଥାପନ କଲେ, ଏମ୍.ଏଲ୍.ଏ. ଗ୍ରାମବାସୀଙ୍କ ସପକ୍ଷରେ ଏଲ୍.ଆର୍.ଡି.ସି.ଙ୍କୁ ସୁପାରିଶ କଲେ । ଯାହାକି ଥିଲା ଏହି ପୋଖରୀଟି ସର୍ବସାଧାରଣ ଗ୍ରାମବାସୀ ମାନଙ୍କର ଏହା କୌଣସି ବ୍ୟକ୍ତି ବିଶେଷର ନୁହେଁ । ଏହି କେସ୍ ଟି ବର୍ତ୍ତମାନ ସୁଦ୍ଧା ଏଲ୍.ଆର୍.ଡି.ସି. କୋର୍ଟରେ ଅଛି ଏହି ପୋଖରୀଟି ବର୍ତ୍ତମାନ ଗୋଷ୍ଠିର ପୂର୍ଣ୍ଣ ଅଧିକାରରେ ରହିଛି ପୁଣି ୨୦୦୨ରେ ସେମାନେ ସେଥିରେ ୬ କେ.ଜି. ଫିଙ୍ଗାର ଲିଙ୍ଗ ଛାଡ଼ିଛନ୍ତି ।

**ସମାପ୍ତି**

ଏହି ଦଳ ସଂଯୋଜନକ୍ଷମ ଏବଂ ନିଜର ଅଧିକାର ବିଷୟରେ ଭଲ ବୁଝାମଣା ରହିଛି । ଜରୁରୀକାଳୀନ ପରିସ୍ଥିତିର ସମସ୍ତ ସମସ୍ୟାକୁ ସମାଧାନ କରିବାର କ୍ଷମତା ଅଛି । ସେମାନେ ଅନ୍ୟାନ୍ୟା ପୋଖରୀରେ ଏହି କାର୍ଯ୍ୟକ୍ରମ ଚାଲୁରଖିବା ପାଇଁ ଚାହାଁନ୍ତି । କିନ୍ତୁ କୌଣସି ପ୍ରକାରେ ତାଙ୍କର ମତ୍ସ୍ୟଚାଷ ପ୍ରତିଭାକୁ ନଷ୍ଟ ହେବା ପାଇଁ ଦେବେ ନାହିଁ ।

ଶ୍ରୀମାନ ବି.କେ.ସହାୟ ଫିଲ୍ଡ ସ୍ପେସାଲିଷ୍ଟ ସୋସିୟାଲ ଡେଭଲପ୍‌ମେଣ୍ଟ, ଡକ୍ଟର କେ.ପି.ସିଂ ଫିଲ୍ଡ ସ୍ପେସାଲିଷ୍ଟ ଏକୁଆକାଲଚାର(ରିଟାୟାର) ଏବଂ ଶ୍ରୀମାନ ଏସ୍.ଏନ୍.ପାଣ୍ଡିଆ ଫିଲ୍ଡ ସ୍ପେସାଲିଷ୍ଟ ମନିଟୋରିଙ୍ଗ ଏବଂ ଇଭାଲୁଏସନ୍ ଏମାନେ ଜିଭିଟି ରାଞ୍ଚି, ଝାଡ଼ଖଣ୍ଡ ସହିତ କାର୍ଯ୍ୟ କରନ୍ତି । ଏମାନଙ୍କୁ ଯୋଗାଯୋଗ କରନ୍ତୁ ଏହି ମଧ୍ୟମରେ < rch_gvteirfp @ Sancharnet.in >

୧୧. ଲେଣ୍ଡ ରିଫାର୍ମ ଡେପୁଟି କଲେକଟର, ସରକାରୀ ଅଧିକାରୀ ଯିଏକି ରାଜ୍ୟ ସ୍ତରରେ ଜମିଜମା ସଂକ୍ରାନ୍ତିୟ ବିଷୟ ଦେଖନ୍ତି ।
୧୨. ଫାଷ୍ଟ ଇନ୍‌ଭେଷ୍ଟିଗେସନ ରିପୋର୍ଟ ।
୧୩. ଲୋକାଲ ଉଲେକ୍‌ଟେଡ୍ ରିପ୍ରେଜେନ୍‌ଟେଟିଭ୍ ଏଟ୍ ଦି ଷ୍ଟେଟ ଲେଜିସ୍‌ଲେଚର ।

# ନାଇଜେରିଆର ଅଣ୍ଡ ପ୍ରଦେଶ ଉପକୂଳବର୍ତ୍ତୀ ଅଞ୍ଚଳ ଉପରେ ଏକ ଗବେଷଣା ସହରର କୃଷି କାର୍ଯ୍ୟ, ପାନୀୟର ପୁନର୍ବ୍ୟବହାର ଓ ସ୍ଥାନୀୟ ଅର୍ଥନୀତି

ୟାମି ଏକେଗ୍‌ଚେଜ-ସାମ୍‌ସନ୍‌ସ

### ଭୂମିକା ଏବଂ ପଦ୍ଧତି

ବିଶ୍ୱର ଜନସଂଖ୍ୟାର ୪୦ ପ୍ରତିଶତ ଲୋକସଂଖ୍ୟା ଉପକୂଳବର୍ତ୍ତୀ ଅଞ୍ଚଳର ୬୦ କି.ମି. ଭିତରେ ରହନ୍ତି । ଆଫ୍ରିକାରେ ଜନସଂଖ୍ୟା ବୃଦ୍ଧିର ହାର ଦର୍ଶାଉଛି ଆଗାମୀ ଶତାବ୍ଦୀରେ ଏହି ସଂଖ୍ୟା ବୃଦ୍ଧି ଘଟି ୭୫ ପ୍ରତିଶତ ପହଞ୍ଚିଯିବ ।(ଓଡାଡା ୨୦୦୨) ଉପସାହାର ଆଫ୍ରିକାର ଉପକୂଳବର୍ତ୍ତୀ ଜଳଭୂମିଟା ଶିଘ୍ର ପରିବର୍ତ୍ତନ ଘଟୁଛି, କାହିଁକିନା ଜନସଂଖ୍ୟା ବୃଦ୍ଧି ସଂଗେ ବିଭିନ୍ନ ଗ୍ରାମ୍ୟ ଏବଂ ସହରର ଲୋକମାନେ ବାସ କରୁଛନ୍ତି ଏବଂ ରାଜନୈତିକ ଲୋକମାନେ ମଧ୍ୟ ବାସ କରନ୍ତି । ସେଥିପାଇଁ ପ୍ରାକୃତିକ ସଂପଦର ଏବଂ ରହିବାର ଜାଗା ପାଇଁ ପ୍ରତିଯୋଗିତା ବଢୁଛି । ପ୍ରଦୁଷଣ ବଢୁଛି ତା ଛଡ଼ା ଉପକୂଳବର୍ତ୍ତୀ ଅଞ୍ଚଳର ପରିବର୍ତ୍ତନ ହେଉଛି ଅର୍ଥନୈତିକ ବିକାଶ ପାଇଁ । (ହେଟ୍‌ଜିଭିଲସ୍ ଏଟ୍ ଓଲ ୧୯୯୪)

ସହରର କୃଷିକାର୍ଯ୍ୟକୁ ଗୋଟେ ଶିଳ୍ପ ରୂପେ ବାଖ୍ୟା କରାଯାଏ । ଯେଉଁଟା କି ଛୋଟ ସହର ଏବଂ ସହର ଅଥବା ମହାନଗର ଭିତରେ ଏବଂ ଆଖପାଖରେ ହୁଏ । ସହରୀୟ କୃଷିରେ ବିଭିନ୍ନ ଖାଦ୍ୟ ଏବଂ ଅନ୍ୟ ସାମଗ୍ରିର ଉତ୍ପାଦନ, ପ୍ରକ୍ରିୟା ଏବଂ ବଣ୍ଟନ ହୁଏ । ଜୈବ ଏବଂ ଧାତବ ସମ୍ପଦର ବ୍ୟବହାର ଏବଂ ପୁର୍ନବ୍ୟବହାର ହୁଏ, ଏହି ଉତ୍ପାଦିତ ସାମଗ୍ରୀ ଏବଂ ସେବା ଗୁଡ଼ିକ ସହରେ ଏବଂ ଏହାର ଆଖପାଖ ଅଞ୍ଚଳରେ ମିଳେ.(ମଉଗ୍ୟଟ୍ ୨୦୦୦) । ବିଶ୍ୱର ଜନସଂଖ୍ୟା ବୃଦ୍ଧି ସଂଗେ ସଂଗେ ଜମି ସଂକ୍ରାନ୍ତ ସମ୍ପଦର ବେଶୀ ଭାବେ ପ୍ରୟୋଗ ଆଉ ତକ୍‌ନିକି ପଦ୍ଧତିର ବିକାଶ ସଂଗେ ସଂଗେ ବିଶ୍ୱରେ ଉପକୂଳବର୍ତ୍ତୀ ଅଞ୍ଚଳ ଉପରେ ନିର୍ଭର ହେଉଛି, ଯାହାଫଳରେ ବିବାଦ ସୃଷ୍ଟି ହେଉଛି ଖାଦ୍ୟ, ଆବର୍ଜନା ପକେଇବା ପାଇଁ, ଯାତାୟାତ, ଖଣିଜ ପଦାର୍ଥର ଉତ୍ତଳନ ଏବଂ ମନୋରଞ୍ଜନ ।

ଏହି ପ୍ରବନ୍ଧଟିରେ ଦେଖାଯାଉଛି ଉପକୂଳବର୍ତ୍ତୀ ଅଞ୍ଚଳ ଉପରେ ସହରୀୟ କୃଷିର ପ୍ରଭାବ ଏବଂ ଗବେଷଣା କ୍ଷେତ୍ରରେ ପାଣିର ବ୍ୟବହାର ଓ ପୁର୍ନବ୍ୟବହାର ବାସ୍ତବିକତା । ଗବେଷଣା କ୍ଷେତ୍ର ହେଉଛି ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳର ଜଳଭୂମି ଅଞ୍ଚଳ– ଯାହାର ପୂର୍ବରେ ଅଛି ଇଡ ପ୍ରଦେଶର ବେନିନ ନଦୀ, ପଶ୍ଚିମରେ ଅଛି ଅଗୁଆନ୍ ପ୍ରଦେଶର ତଟବର୍ତ୍ତୀ ରେଖା ଓ ଉତ୍ତରରେ ଅଛି ଅକିଟିପୁପା ଓ ଇରିଲି ସ୍ଥାନୀୟର ସରକାରୀ ଅଞ୍ଚଳ । ଏହା ନାଇଜେରିଆର ଦକ୍ଷିଣ ପଶ୍ଚିମ ତଟରେଖାର ସମରେଖାରେ ସ୍ଥିତ ଅଛି । ଯାହାର ବିଶିଷ୍ଟତା ହେଉଛି ନଦୀର ଦ୍ୱୀପ ଏବଂ ସାମୁଦ୍ରିକ ଗଛପତ୍ର । ଏହା ଲାଟିଚୁଡ୍ ୪–୬° ଉତ୍ତରରେ ଅଛି । ଏହା ନାଇଜେରିଆର ୮୫୩ କି.ମି. ଲମ୍ବ ଉପକୂଳବର୍ତ୍ତୀ ଅଞ୍ଚଳର ଅଂଶ । ସହର କୃଷି କାର୍ଯ୍ୟରେ କଡ଼ିତ ବିଭିନ୍ନ କାର୍ଯ୍ୟକ୍ରମଟିକୁ ନିର୍ଦ୍ଧାରଣ କରାଯାଇଥିଲା । ସାକ୍ଷାତକାର ଦ୍ୱାରା ଏବଂ ମାଛଚାଷୀ ଓ କୃଷକ ମଧ୍ୟରେ ପ୍ରଶ୍ନପତ୍ର ବିତରଣ କରାଯାଇଥିଲା । ଗ୍ରାମର ବିଭିନ୍ନ ଗୋଷ୍ଠି ସଭାରେ ଯାହାକି ଜୁଲାଇ ରୁ ଡିସେମ୍ବର ୨୦୦୨ ମଧ୍ୟରେ ହୋଇଥିଲା । କୃଷକ ମାନଙ୍କ ଦ୍ୱାରା ଯେଉଁ ତଥ୍ୟ ମିଳିଥିଲା ତାହାଦ୍ୱାରା ସହରୀୟ କୃଷିକାର୍ଯ୍ୟର କାର୍ଯ୍ୟଟିକୁ ଚିହ୍ନିତ କରାଯାଇଥିଲା । ପାଣିର ବ୍ୟବହାର ଏବଂ ପୁର୍ନବ୍ୟବହାର ସମସ୍ୟା ଗୁଡ଼ିକ ଅନୁସନ୍ଧାନ କରାଯାଇଥିଲା । ନିର୍ବାଚିତ ଗ୍ରାମକୁ ଯାଇ ପାଣିର ଗୁଣ(ମାନ, ମାପ ଏବଂ ପ୍ରଦୁଷଣ) ପରୀକ୍ଷା କରାଯାଇଥିଲା ଓ ବିଭିନ୍ନ ଗ୍ରାମର ପାଣିର ନମୁନା ଅନୁସନ୍ଧାନ କେନ୍ଦ୍ର ଗୁଡ଼ିକରେ ପରୀକ୍ଷା ପାଇଁ ପଠାଯାଇଥିଲା । ତା ଛଡ଼ା ପାଣିର ଉପଲବ୍‌ଧି ପାଇଁ ମଧ୍ୟ ପରୀକ୍ଷା କରାଯାଇଥିଲା ।

### ଫଳାଫଳ

ଲୋକମାନେ ଏବଂ ତାଙ୍କର ଜୀବିକା ନିର୍ବାହନ

ଏହି ଅଞ୍ଚଳରେ ବସବାସ କରନ୍ତି ତିନୋଟି ପ୍ରମୁଖ ଅଦିବାସୀ ଦଳ ଇଏଜେସ, ଯେଉଁମାତିନ କି ସେହି ଅଞ୍ଚଳର ଦୁଇ ତୃତୀୟା ଅଂଶ ଜନସଂଖ୍ୟା ଗଠନ କରନ୍ତି, ତା ଛଡ଼ା ଇଜଏଗ୍ରୋବସ୍ ଏବଂ ଇଜଏପଇସ୍, ଯେଉଁମାନେ କି ଇରୁବାଭାସୀ ଦଳ । ଏହି ଦୁଇଟି ଇଜ ଦଳ ସେହି ଅଞ୍ଚଳର ଜନସଂଖ୍ୟାର ଏକ ତୃତୀୟ ଅଂଶ । ଏହିମାନେ ବେଶୀ ଭାଗ ମାଛ ଚାଷୀ ତା ଛଡ଼ା ଅଳ୍ପ କିଛି ଲୋକ ଅନ୍ୟାନ କାର୍ଯ୍ୟ କରନ୍ତି । ୨୩ ପ୍ରତିଶତ ମହିଳା ଏବଂ ପୁରୁଷ ମାଛ ଚାଷ କରନ୍ତି । ସ୍ଥାନୀୟ ଶିଳ୍ପ ମଧ୍ୟରେ ରହୁଛି ମଦ ପ୍ରସ୍ତୁତି କରିବା, ଲୋହା କାର୍ଯ୍ୟ କରିବା, ଜାଲ ବୁଣିବା ଓ ନୌକା ତିଆରି କରିବା । ଅର୍ଥନୈତିକ କାର୍ଯ୍ୟ ଗୁଡ଼ିକ ମଧ୍ୟରେ ଚାଷ କରିବା, ବ୍ୟବସାୟ କରିବା ଏବଂ ପାଣି ଯାତାୟତ କରିବା ।

### ସହରୀୟ କୃଷିର ଉପକାରିତା

ପରିବେଶ ଏବଂ ଜନସାଧାରଣର ଉପରେ ସହରୀୟ କୃଷିର ଅନେକ ଉପକାରିତା ଅଛି :–

୧. ସେହିସବୁ ଅଞ୍ଚଳରେ ଯେଉଁଠି ସହରୀୟ କୃଷି ହେଇପାରୁନାହିଁ ସେହି ସବୁ ସହର ଏବଂ ଗ୍ରାମରେ ଖାଦ୍ୟର ଚାହିଦା ଦେଖାଯାଏ ।

ତାଛଡ଼ା ମାଛଚାଷୀ ମାନେ ନିର୍ଭର କରୁଛନ୍ତି ଉପକୂଳବର୍ତ୍ତୀ ଅଂଚଳର ସହରର ଯେମିତି ଇଗ୍‌ବଟକା, ଆଟିଜେଡି, ଇଗ୍‌ବବିନି ଏବଂ ମାହିନ୍‌ର ମତ୍ସ୍ୟ ସମ୍ପଦ ଉପରେ। ମାଛଚାଷରେ ଯେଉଁ ଆମଦାନୀ ହେଉଛି ୫୦ ରୁ ୭୦ ପ୍ରତିଶତ ଘର କାମରେ ଲାଗିଯାଉଛି।

୨. ଯେଉଁଠି ସହରୀୟ କୃଷି କାର୍ଯ୍ୟ ହେଉଛି ସେହିସବୁ ସ୍ଥାନ ଗୁଡ଼ିକରେ ପନିପରିବାର ଦାମ୍‌ଟି ଅପେକ୍ଷାକୃତ କମ୍ ସେହିସବୁ ଜାଗାଗୁଡିକରେ ସହରୀୟ କୃଷି କାର୍ଯ୍ୟ ହେଉନାହିଁ।

୩. ନିଜସ୍ୱ ଉତ୍ପାଦିତ ଖାଦ୍ୟରେ ପୌଷ୍ଟିକ ସ୍ତରଟା ବେଶୀ ରହୁଅଛି ଯେଉଁଟା କି ବାହାରୁ କିଣିବାକୁ ଗଲେ ନିମ୍ନ ଶ୍ରେଣୀ ଲୋକ ମାନଙ୍କ ପାଇଁ କଷ୍ଟକର।

୪. ଉପକୂଳବର୍ତ୍ତୀ ଅଂଚଳ ଯେମିତି ଆୟ୍ଇଟଡ, ଆଜିଗୋନ୍‌ଲି, ଇଡିଓଗ୍‌ବା ଏବଂ ମାହିନର ଗୋଷ୍ଠି ଉନ୍ନତି ଉପରେ ସହରୀୟ କୃଷିର ପ୍ରଭାବ ଦେଖାଯାଉଛି। ଚାଷୀ ଏବଂ ମତ୍ସ୍ୟଚାଷୀମାନେ ବେକାରୀ ଯୁବକ ଏବଂ ସ୍କୁଲ୍ ପରୀକ୍ଷା ପାସ୍ କରିଥିବା ପିଲାମାନଙ୍କୁ ଏହି ସହରୀୟା  କୃଷିକାର୍ଯ୍ୟରେ ଲଗାଉଛନ୍ତି ଯେଉଁ ମାନେକି ବଗିଚାର ଦେଖାଶୁଣା ଏବଂ ପାଣିଦେବାର କାମ କରୁଛନ୍ତି ମକା, ଭେଣ୍ଡି, ତରଭୁଜ, ଅର୍‌କିଟ୍ ଗଛ ଗୁଡ଼ିକର ଦେଖାଶୁଣା କରୁଛନ୍ତି।

୫. ମହିଳାମାନଙ୍କର ଏହି ସହରୀୟ କୃଷିରେ ବହୁତ ବଡ଼ ଭୂମିକା ରହୁଅଛି। ସେମାନେ ଚାଷ ଏବଂ ତାର ବିକ୍ରିରେ ଯୋଗଦାନ ଦେଉଛନ୍ତି।

୬. ଯଦି ଦେଖାଯାଏ ମାଛଚାଷରେ କୃଷି କାର୍ଯ୍ୟ ଅପେକ୍ଷା ୭୫ ପ୍ରତିଶତ ଅଧିକ ଲାଭ ଅଛି କିନ୍ତୁ ମାଛଚାଷୀମାନେ ମାଛ ଚାଷ ସଂଗେ ସଂଗେ ସହରୀୟ କୃଷିରେ ମଧ୍ୟ ଆଗ୍ରହ ପ୍ରକାଶ କରୁଛନ୍ତି, ଯାହାଫଳରେ ସେମାନେ ତାଙ୍କର ପରିବାର ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ଯୋଗାଇ ପାରିବା।

ଜଳର ବ୍ୟବହାର

ଘରୁଆକାମ ଏବଂ ପିଇବା ପାଇଁ ପାଣିର ଉତ୍ସ ହେଉଛି ବର୍ଷାକାଳୀୟ ପାଣି, କୂଅ ପାଣି, ଝରଣା, ନଦୀ ଏବଂ କେନାଲ୍। ମାହିନ୍ ଇଡିଓଗ୍‌ବା, ଆଜିଗୋନ୍‌ଲି, ଆଗ୍‌ବନ୍‌ଲା, କିରିବି ଏବଂ ଗୋବଲରେ ୮୦ ପ୍ରତିଶତ ଘରୁଆ କାର୍ଯ୍ୟ ପାଇଁ ଲାଗିଥିବା ଜଳର ସ୍ରୋତ ହେଉଛି ଝରଣା, ନଦୀ ଏବଂ କେନାଲ୍। ସମସ୍ତ ଉପକୂଳବର୍ତ୍ତୀ ଅଂଚଳର କୃଷିକାର୍ଯ୍ୟ ପାଇଁ ପାଣିର ସ୍ରୋତ ହେଉଛି ନଦୀ ଏବଂ କେନାଲ୍। ସହରୀୟ ଏବଂ ଗ୍ରାମୀଣ ଚାଷ ପାଇଁ ବ୍ୟବହାର ହେଉଥିବା ଜଳ ହେଉଛି କୌଣସି ପ୍ରକାରର ଜଳ। ଭ୍ରମଣ କରିଥିବା ୭୫ ପ୍ରତିଶତ ସ୍ଥାନ ଗୁଡ଼ିକରେ ଧାନଚାଷ କାମରେ ଲାଗୁଥିବା ଜଳ ହେଉଛି ଝରଣା ପାଣି ଓ ବହୁତ ଭାବରେ ଦେଖାଯାଇଛି ଯେ ଏହି ସବୁ ଜାଗା ଗୁଡିକ ବଣ୍ୟ ଭୂମିରେ କୌଣସି ପ୍ରକାର ଜଳର ପ୍ରୟୋଗ କରାଯାଇଛି। ଯାହାପାଇଁ କି ଡାଇରିଆ, ଟାଇଫଡ୍ ଏବଂ ବିଭିନ୍ନ ପାଣିବାହିତ ରୋଗ ଗୁଡ଼ିକ ଏହି ସବୁ ଅଂଚଳରେ ଦେଖାଯାଉଛି। ଏହି ପ୍ରକାରର ପାଣିଟାହିଁ ମଣିଷ, ପଶୁ ଏବଂ କୃଷି କାର୍ଯ୍ୟରେ ବ୍ୟବହାର ଏବଂ ପୁର୍ନବ୍ୟବହାର ହେଉଛି।

ଉପସଂହାର

ଗବେଷଣା କ୍ଷେତ୍ରରେ ପାଣିର ଖରାପ ସ୍ତର, ସୌଚାଳୟର ଅବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ସମସ୍ୟା ଗୁଡ଼ିକ ବେଶୀ ଭାବରେ ଦେଖାଗଲା। ସୌଚାଳୟର ଅଭାବ ଏବଂ ମ୍ୟୁନିସିପାଲଟିର ସୌଚାଳୟ ବ୍ୟବସ୍ଥା ଭଲ ନଥିବାରୁ ପାଣିର ଉପର ସ୍ତରଟି ଦୁଷିତ ହେଉଅଛି। ମାତ୍ର ୨୫ ପ୍ରତିଶତ ଗ୍ରାମ୍ୟ ଜନସଂଖ୍ୟାକୁ ଶୁଦ୍ଧ ପିଇବା ପାଣି ପ୍ରାପ୍ତ ହେଉଛି। ଯାହାଫଳରେ ଏଇଟା ଗୋଟେ ବଡ଼ ପ୍ରଭାବ ପକାଉଅଛି, ଯୁବକ ମାନଙ୍କର ସ୍ୱାସ୍ଥ ଉପରେ ଏବଂ ପିଲାମାନଙ୍କର ଜୀବନ ଉପରେ।

ବହି ଏବଂ ବହିର ଅଂଶ ଯେଉଁଟାକି ଏହି ପ୍ରବନ୍ଧରେ ଆଦୃତ ହୋଇଛି।

ହେଟ୍‌ଜିଅଲମ୍ ଏମ୍.ଲାନ୍‌ଡିନ୍, ସିଜି ଏନ୍‌ଡ୍ ଆଲ୍‌ମ୍, ଏ ୧୯୯୪ ଆଫ୍ରିକା ଏ ଫ୍ରେମୱାର୍କ ଫର୍ ଇନିଟିଗ୍ରେଟେଡ୍ କୋଷ୍ଟାଲ ଜନ୍ ମେନେଜମେଣ୍ଟ ଆଫ୍ରିକା ଏନ୍‌ଭାଇରମେଣ୍ଟଲି ସସ୍‌ଟେନେବ୍‌ଲ୍ ଡେଭ୍‌ଲପମେଣ୍ଟ ଡିଭିସନ୍, ଦା ୱାଲ୍‌ଡ ବ୍ୟାଙ୍କ।

ମଉଗ୍ୟଟ, ଏଲ୍ ଜେ ଏ ୨୦୦୦ ଆର୍ବାନ୍ ଏଗ୍ରିକାଲ୍‌ଚର : ଡେଫିନେଶନ୍, ପ୍ରେଜେନସ୍, ପୋଟେନ ସିଅଲ୍ ଏଣ୍ଡ ରିକ୍ସ, ଇନ୍ ବାକେଇର୍ ଏନ୍ ଏଟ୍ ଅଲ୍ (ଇଡ୍‌ସ) ଗ୍ରୋଇଂ ସିଟିଇସ୍, ଗ୍ରୋଇଂ ଫୁଡ୍ : ଆର୍ବାନ ଏଗ୍ରିକଲ୍‌ଚରାଲ୍ ଅନ୍ ଦା ପଲିସି ଏଜେନାଡ୍। ଏ ଭିତର୍ ଅନ୍ ଆର୍ବାନ୍ ଏଗ୍ରିକାଲ୍‌ଚର (ପେଜ ୧–୪୨) ପ୍ରସେଡିନଜ୍ ଅଫ ଏ ୱାର୍କସପ୍ ଅର୍ଗାନାଇଜଡ୍ ବାଇ ଜିଟିଜେଡ୍, ସି.ଟି.ଏ, ଏସ୍. ଆଇ.ଡି.ଏ. ଏବଂ ଡି.ଏସ. ଇ ହାବାନା କ୍ୟୁବା ଅକ୍ଟୋବର ୧୯୯୯।

ଓଡାଡା, ଇ ଓ ୨୦୦୨ ଦି ଇମ୍‌ପାକ୍ଟ ଅଫ୍ ହ୍ୟୁମାନ ଏକ୍‌ଟିଭିଟିସ୍ ଅନ୍ ଆଫ୍ରିକା କୋଷ୍ଟାଲ୍ ଏକ୍ଟ ମାରିନି ଏରିଆ ଏଣ୍ଡ ଦି ଇମ୍‌ପିଲିକେସନ୍ ଫର୍ ସସ୍‌ଟେନ୍‌ବଲ୍ ଡେଭଲପ୍‌ମେଣ୍ଟ। ଇନ୍ ଆର୍. ଆର୍. ଟନ୍. ଆର୍. ଏସ. ଏଟ୍. ଅଲ୍(ଇଡିଏସ୍) ଆଫ୍ରିକାନ୍ ବେସିନସ୍ । ଏଲ୍ ଆ ଆଇ ସି ଜେଡ୍ ଗ୍ଲୋବାଲ ଚେଞ୍ଜେ ଏସେସ୍‌ମେଣ୍ଟ ଏଣ୍ଡ ସିନ୍ଥିଅସ୍ ଅଫ୍ ରିଭର କେଚ୍‌ମେଣ୍ଟ – କୋଷ୍ଟାଲ୍ ସି ଇନ୍‌ଟରଡାକ୍ସନ ଓ ହ୍ୟୁମାନ୍ ଡାଇମେସନ୍‌ସ (୭୧ ରୁ ୮୦) ଏଲ୍ ଓ ଆଇ. ସି. ଜେଡ ରିପୋର୍ଟ ଏଣ୍ଡ ଷ୍ଟଡିଜ୍ ନମ୍ବର ୨୫।

ୟାମି ଏକେଜ୍‌ବେଜ ସେମ୍‌ସନ୍ ନାଇଜେରିଆର ଏବିଓକୁଟା କୃଷି ବିଶ୍ୱବିଦ୍ୟାଳୟରେ ମତ୍ସ୍ୟ ବିଭାଗର କାମ କରୁଅଛନ୍ତି। ତାଙ୍କର ଯୋଗାଯୋଗର ଠିକଣା ହେଉଛି :<samsons56@yaho.co.uk>

## ଜୀବିକା ନିର୍ବାହର ବିଶ୍ଳେଷଣ : ଅଂଶଗ୍ରାହୀ ଗ୍ରାମୀଣ ବିଶ୍ଳେଷଣ କରିବାର ଏକ ପ୍ରକୃତ ଅଭିଜ୍ଞତା ।

*ଫାମ୍ ମିନ୍ ଟାମ୍ ଏବଂ ଟ୍ରିନ୍ କୁଆଙ୍ଗ ତୁ*

### ଭୂମିକା

ଅଂଶଗ୍ରାହୀ ଗ୍ରାମୀଣ ବିଶ୍ଳେଷଣ ହେଉଛି, ଗୋଟିଏ ଗବେଷଣା ଓ ଅଭ୍ୟାସର ସମନ୍ୱୟ, ଯେଉଁଟିକି ବିଭିନ୍ନ ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମର ପ୍ରଭାବ ସମ୍ବନ୍ଧରେ ଜାଣିବା ପାଇଁ ସାହାଯ୍ୟ କରେ । ଯେ କୌଣସି କାର୍ଯ୍ୟକ୍ରମର ପରିକଳ୍ପନା ହେଉଛି ଅଂଶଗ୍ରାହୀ ଗ୍ରାମୀଣ ବିଶ୍ଳେଷଣ ଯେଉଁଥିରେ କି ଗୋଷ୍ଠିର ଲୋକମାନଙ୍କର ଏକ ମୁଖ୍ୟ ଭୂମିକା ଥାଏ । ଏହାର ବିଶେଷତ୍ୱ ହେଉଛି, ଏଥିରେ ଲୋକମାନଙ୍କର ଅଂଶଗ୍ରହଣ ଦ୍ୱାରା ସୂଚନାର ଆଦାନ ପ୍ରଦାନ ହୁଏ ଏବଂ ପ୍ରକୃତ ପରିସ୍ଥିତି ନିର୍ଦ୍ଧାରଣ କରାଯାଏ । ତଥାପି କିଛି କିଛି ଗ୍ରାମୀଣ ବିଶ୍ଳେଷଣର ଆମେ ଫଳାଫଳ ପାଇନାହୁଁ କାରଣ ଆମେ ବର୍ତ୍ତମାନ ସଂଧ୍ୟା ଅଭିଜ୍ଞତା ସଂଗ୍ରହ କରୁଛୁ । ସେଥିପାଇଁ ଆମେ ଇଉ.ଏନ୍.ଡି.ପି. ପାଖରୁ ଅର୍ଥ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ "ଭିଏତନାମର ଉତ୍ତରର ଉଚ୍ଚଭୂମିର ଗରିବ ମାନଙ୍କର ଦୀର୍ଘସ୍ଥାୟୀ ଭାବରେ ଜୀବିକା ନିର୍ବାହନର ବିଶ୍ଳେଷଣ",(UNDP,2001) ଏବଂ ପାଖରୁ ଅର୍ଥ ସାହାଯ୍ୟ ଜୀବିକା ବିଶ୍ଳେଷଣ ପାଇଁ ( ARMP, ବିନା ତାରିଖର;DFID 2000) କାର୍ଯ୍ୟ ଅଭିଜ୍ଞତାକୁ ସମସ୍ତଙ୍କ ସହିତ ବାଣ୍ଟି ନେବାକୁ ଚାହୁଁ ।

### ଜୀବିକା ନିର୍ବାହର ବିଶ୍ଳେଷଣ ପଦ୍ଧତି

ଆମ୍ଭେମାନେ ଗ୍ରାମ, ଗୋଷ୍ଠି, ଜିଲ୍ଲା ଏବଂ ପ୍ରଦେଶର ଏକା ସାଙ୍ଗରେ ଅଂଶଗ୍ରାହୀ ଗ୍ରାମିଣ ବିକାଶ ପଦ୍ଧତିର ଏବଂ ଦ୍ୱିତୀୟ ସ୍ତରରେ ତଥ୍ୟ ସଂଗ୍ରହର କାର୍ଯ୍ୟ କରିଲୁ ବିଶେଷ ଭାବରେ ଦାରିଦ୍ରତା ଓ ପୋଷ୍ଟିକତାର ଅବସ୍ଥା ଜାଣିବା ପାଇଁ ଧ୍ୟାନ ଦେଇଥିଲୁ । ଆମ୍ଭେମାନେ ଘରେ ଘରେ ବୁଲି କୃଷିକାର୍ଯ୍ୟ, ଦାରିଦ୍ରତା ଓ ପୋଷ୍ଟିକତାର ଅବସ୍ଥା ବିଷୟରେ ବିଶ୍ଳେଷଣ କଲୁ ଏବଂ ଜୀବିକା ବୃଦ୍ଧି ପାଇ କାର୍ଯ୍ୟକ୍ରମର ବିକଳ୍ପ ବିଷୟରେ ବିଚାର କଲୁ ଏବଂ ଜୀବିକା ବୃଦ୍ଧି ପାଇଁ କାର୍ଯ୍ୟକ୍ରମର ବିକଳ୍ପ ବିଷୟରେ ବିଚାର କଲୁ । ତତ୍‌କାଳ ଆମ୍ଭେମାନେ କୃଷିର ଅନ୍ୟାନ୍ୟ କାର୍ଯ୍ୟକ୍ରମର ସହିତ ମାଛଚାଷକୁ ତୁଳନା କରିଦେଖିଲୁ, ତାର ମୂଲ୍ୟ, ଲାଭ ଏବଂ ଦାରିଦ୍ରତା ଯାହାଦ୍ୱାରା ଆମେ ନିଷ୍ପତ୍ତିରେ ପହଞ୍ଚିବା, ମାଛ ଚାଷକୁ ବନ୍ଦ କରିବା କିମ୍ବା ଚାଲୁରଖିବା ।

ତଥ୍ୟ ସଂଗ୍ରହର ମୂଖ୍ୟ କଳାକୌଶଳ ହେଲା ଘର ଘର ଯାଇ ମହିଳା ଓ ପୁରୁଷ ମାନଙ୍କର ମତାମତ ଜାଣିବା, ଦଳଗତ ଆଲୋଚନା କରିବା ଏବଂ ମୁଖ୍ୟ ତଥ୍ୟ ଜାଣିବା ପାଇଁ ଗୋଷ୍ଠି ଲୋକଙ୍କ ସହିତ ବ୍ୟକ୍ତିଗତ ସକ୍ଷାତକାର । ଗ୍ରାମ ମଧ୍ୟରେ ଗ୍ରାମବାସୀ ମାନଙ୍କୁ ଗୋଟିଏ କିମ୍ବା ବିଭିନ୍ନ ଦଳରେ ବିଭକ୍ତ କରାଯାଇ ପାରେ, ସେମାନଙ୍କର ପରିସ୍ଥିତି ହିସାବରେ ଯେପରି ସ୍ଥାୟୀତ୍ୱ, ରୋଜଗାର, ଜୀବିକା, ଶିକ୍ଷାର ସ୍ତର ପୁଣି ଅନ୍ୟାନ୍ୟ ବିଷୟ ଯେପରି ଦରଦ୍ରତା ଓ ସ୍ୱଚ୍ଛଳତା ।

### ପ୍ରାପ୍ତ ଶିକ୍ଷା

ଅଂଶଗ୍ରାହୀ ଗ୍ରାମୀଣ ବିଶ୍ଳେଷଣକୁ ବ୍ୟବହାର କରିବା କିଛି ଶିକ୍ଷା ଆମ୍ଭେମାନେ ଅଂଶଗ୍ରାହୀ ଗ୍ରାମୀଣ ବିଶ୍ଳେଷଣରୁ ପ୍ରାପ୍ତ ହୋଇଛୁ । ଆମେ ଯେଉଁ ତଥ୍ୟ ସଂଗ୍ରହ କରିବୁ ତାର ଏକ ତାଲିକା ପ୍ରସ୍ତୁତ କରିବୁ କିନ୍ତୁ କିଛି ନିର୍ଦ୍ଦିଷ୍ଟ ପ୍ରଶ୍ନପତ୍ରର ଢାଞ୍ଚା ରଖିବା ନାହିଁ । ଏପରି ସମୟ ଆସେ ଯେତେବେଳେ ଆମେ ସମସ୍ୟା ବିଷୟ ଚିନ୍ତା କରି ପାରୁନାହୁଁ ଓ ପ୍ରଶ୍ନ ମଧ୍ୟ କରିପାରୁନାହୁଁ । ପ୍ରଶ୍ନ ଗୁଡ଼ିକ ସବୁବେଳେ ଆମେ ଯାହା ଦେଖିଛୁ ସେ ବିଷୟରେ ହେବା ଦରକାର ଯେପରିକି ସବୁବେଳେ ଆଗ ପ୍ରଶ୍ନରେ କଣ କେଉଁଠି,କେତେବେଳେ, କିଏ, କାହିଁକି ଓ କେମିତି ଶବ୍ଦର ପ୍ରୟୋଗ କରିବା ଦରକାର ।

ଆମ୍ଭମାନଙ୍କର ପ୍ରଶ୍ନ ସବୁବେଳେ ସହଜ ଏବଂ ଯାହାର ବିସ୍ତାରିତ ଉତ୍ତର ଦେଇହେବ ସେପରି ହେବା ଦରକାର । ପ୍ରାପ୍ତ ସୂଚନା ଗୁଡ଼ିକ ପୂର୍ନବାର ଅନ୍ୟାନ୍ୟ ଲୋକ ଓ ବିଭିନ୍ନ ସାଧନ ଦ୍ୱାରା ସତ୍ୟତା ପରୀକ୍ଷା କରି ନେବା ଦରକାର ।

ପ୍ରଥମେ ସଂପଦ ମାନଚିତ୍ର ସହିତ ଗ୍ରାମ ଗୁଡ଼ିକୁ ପରିଦର୍ଶନ କରିନେବା ଉଚିତ, ତାହାହେଲେ ଆମ୍ଭେମାନେ ଗ୍ରାମ ବିଷୟରେ ଭଲ ଭାବରେ ଜାଣି ପାରିବା । ଯେପରିକି ସାକ୍ଷାତ୍‌କାରୀ ସହିତ ଗ୍ରାମ ପରିଦର୍ଶନ କରିବା ଓ ସାକ୍ଷାତକାର ନେବା ସଙ୍ଗେ ସଙ୍ଗେ ଗ୍ରାମ ସମ୍ବନ୍ଧୀୟ ମନରେ ଯେଉଁ ପ୍ରଶ୍ନ ଉଠେ ତାର ଉତ୍ତର ମଧ୍ୟ ଜାଣି ହେବ । ଯେଉଁଟା କି ଅଫିସ୍‌ରେ ବସି କରିବା ସମ୍ଭବପର ନୁହେଁ ।

### କାର୍ଯ୍ୟ କ୍ଷେତ୍ରରେ ସୂଚନା ଲେଖା

କାର୍ଯ୍ୟକ୍ଷେତ୍ରରେ ସମସ୍ତଙ୍କ ଉପସ୍ଥିତିରେ ସୂଚନା ସଂଗ୍ରହ କରିନେବା ଜରୁରୀ । ଅଂଶଗ୍ରାହୀ ଗ୍ରାମୀଣ ବିଶ୍ଳେଷଣର ସୂଚନା ଗୁଡ଼ିକ ଜୈବିକ ବିବରଣୀ ଭାବରେ ସଂକ୍ଷିପ୍ତ ବିବରଣୀ ଚିତ୍ର ସହ ଲେଖିଲେ ସୁବିଧା ହୁଏ ।

ଡାଏରୀ ଏବଂ ତଥ୍ୟ

ଗୋଟିଏ ଡାଏରୀରେ ଯଦି ନିଜର ଓ ବାହାର ଲୋକ ମାନଙ୍କର ଗତିବିଧି ସମ୍ବନ୍ଧରେ ଲେଖାଥିଲେ ପରେ କାର୍ଯ୍ୟ କରିବା ପାଇଁ ସୁବିଧା ହୁଏ । ସମସ୍ୟା କେଉଁଠାରେ ? ସମସ୍ୟା ସମାଧାନ ପାଇଁ କଣ କରିବା ଉଚିତ୍ ? କିଏ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରିପାରିବ ? କି କି ଭୁଲ ଅଛି ତାହା ଚିନ୍ତା କରିବା ଉଚିତ୍ ? ଏହାଦ୍ୱାରା ଆମେ କ'ଣ ଶିକ୍ଷା ପାଇଲୁ ?

ଗରିବ ଲୋକଙ୍କର ଅଂଶଗ୍ରହଣ ନିଶ୍ଚିନ୍ତ କରାଇବା

ସାଧାରଣତଃ ଦେଖାଯାଏ ଗରୀବ ଲୋକମାନେ ସମାଜ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିନଥାନ୍ତି:

* କାରଣ ହୁଏତ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ନାହିଁ କିମ୍ବା ସେମାନେ ଅଂଶ ଗ୍ରହଣ କରିବା ପାଇଁ ଭୟ କରନ୍ତି । ସେମାନେ ମନେ କରନ୍ତି ନୀତି ଗ୍ରହଣ ପଦ୍ଧତିରେ ସେମାନଙ୍କର ହାତନାହିଁ ପୁଣି ସରକାରୀ ନୀତି ଏବଂ କାର୍ଯ୍ୟକ୍ରମ ବିଷୟରେ ସେମାନେ ଖୁବ୍ କମ୍‌ଜାଣନ୍ତି ।
* ଗବେଷଣାକାରୀ ଦଳ ଟିକିଏ ଭଲ ଭାବରେ ଚଳନି ଘରର ଲୋକମାନଙ୍କ ସହିତ କାର୍ଯ୍ୟ କରିବା ପାଇଁ ପସନ୍ଦ କରନ୍ତି, କାହିଁକି ନା ସେମାନଙ୍କ ସହିତ କାର୍ଯ୍ୟ କରିବା ପାଇଁ ସୁବିଧା ହୁଏ, କାରଣ ଯେତେବେଳେ ଆମର ଲକ୍ଷ ହେଉଛି ଗରିବ ଲୋକମାନଙ୍କ ସହିତ କାର୍ଯ୍ୟକରିବା ସେଥିପାଇଁ ଆମେ ଭଲ ଫଳାଫଳ ଦର୍ଶାଇ ଥାଉ ।

ଆମେ ଏହା ନିଶ୍ଚିତ ଭାବରେ କରିବା ପାଇଁ ଚାହୁଁ କି ସମାଜର ଗରୀବ ଲୋକମାନେ ସମସ୍ତ କାର୍ଯ୍ୟରେ ଅଂଶଗ୍ରହଣ କରନ୍ତୁ ପୁଣି ସମସ୍ତ କାର୍ଯ୍ୟକ୍ରମରେ ସେମାନଙ୍କର ସ୍ୱର ଉତ୍ତୋଳନ କରନ୍ତୁ ।

ମହିଳା ମାନଙ୍କର ଅଂଶଗ୍ରହଣ

ମହିଳା ମାନେ ସାଧାରଣତଃ କମ୍ ସୁଯୋଗ ପାଆନ୍ତି ବିଭିନ୍ନ କାର୍ଯ୍ୟରେ ଭାଗ ନେବା ପାଇଁ, ବିଶେଷକରି ଗ୍ରାମାଞ୍ଚଳର ମହିଳାମାନେ ସମାଜର ବିଭିନ୍ନ ଉନ୍ନତମୂଳକ କାର୍ଯ୍ୟରେ ଭାଗ ନେବାରେ ଅବହେଳିତ ଥାନ୍ତି । ସେମାନେ ଏହି ସମସ୍ତ କାର୍ଯ୍ୟକ୍ରମରେ ଭାଗ ନେବା ଜରୁରୀ କାହିଁକି ନା :

* ପୁରୁଷ ମାନଙ୍କ ଅପେକ୍ଷା ମହିଳା ମାନଙ୍କର ପରିବାରରେ ଅଧିକ ପ୍ରୟୋଜନ ଏବଂ ମହତ୍ୱ ଥାଏ । ଆମ୍ଭେମାନେ ପୁରୁଷ ଓ ମହିଳା ଉଭୟଙ୍କ ସହିତ କଥା କହିବା ପାଇଁ ପ୍ରତ୍ୟେକଟି ସୁଯୋଗ ଖୋଜିଥାଉ ।
* ମହିଳାମାନେ ଉନ୍ନତି ମୂଳକ କାର୍ଯ୍ୟରେ ମୁଖ୍ୟ ଭୂମିକା ନିଭାଇ ଥାନ୍ତି ବିଶେଷ କରି ମାଛଚାଷ ଯାହାକି ସେମାନଙ୍କର ଗୃହ ସମୀପରେ ଥାଏ ।

ଉପସଂହାର

ଅଂଶଗ୍ରାହୀ ଗ୍ରାମୀଣ ବିଶ୍ଳେଷଣ ହେଉଛି, ଅଂଶଗ୍ରହଣ ଏବଂ ଗବେଷଣାର ସମନ୍ୱୟ ଏବଂ ଏହାପାଇଁ ଦରକାର ଦକ୍ଷ ସାକ୍ଷାତକାର ଓ ଦକ୍ଷ ସାକ୍ଷତ୍‌କାରୀ । ଅଂଶଗ୍ରାହୀ ଗ୍ରାମୀଣ ବିଶ୍ଳେଷଣ ପଦ୍ଧତିରେ ଉପସ୍ଥିତି ପରିବେଶରେ ପଦ୍ଧତି ବ୍ୟବହାର କରିଥାଉ ପ୍ରଧାନତଃ ଗ୍ରାମ୍ୟ ଏବଂ ପାର୍ବତ୍ୟ ଅଞ୍ଚଳରେ ।

ବହି କିମ୍ବା ବହିର ଅଂଶ ଯାହା ଏଠାରେ ଉଲେଖ୍ୟ କରାଯାଇଛି :

ଏ.ଆର୍.ଏମ୍.ପି.(ତାରିଖ ବିନା) ପୋଭାଟି ଏଣ୍ଡ ଏକୁୟାଟିକ୍ ରିସୋରସେସ୍ ଇନ୍ ଭିଏତ୍‌ନାମ : ଏନ୍ ଏସେସ୍ ମେଣ୍ଟ ଅଫ୍ ଦା ରୋଲ ଏଣ୍ଡ ପୋଟେନସିଆଲ ଅଫ ଏକୁୟାଟିକ୍ ରିସୋରସେସ୍ ମ୍ୟାନେଜ୍‌ମେଣ୍ଟ ଇନ୍ ପୁଓର ପିପୁଲ୍‌ସ ଲାଇବଲିହୁଡ଼ । ବ୍ୟାଙ୍କକ୍: ଏକୁୟାଟିକ ରିସୋରସେସ୍ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ, ନେଟୱାର୍କ ଅଫ୍ ଏକୁୟା କାଲ୍‌ଚାର ସେଣ୍ଟର ଇନ୍ ଏସିଆ ପେସିଫିକ୍ ଏଣ୍ଡ ଡି.ଏଫ୍.ଆଇ.ଡି ସାଉଥ-ଇଷ୍ଟ ଏସିଆ ।

ଡି.ଏଫ୍.ଆଇ.ଡି. ୨୦୦୦ ସସ୍‌ଟେନବଲ୍ ଲାଇଭଲିହୁଡ୍‌ସ୍ ଗାଇଡେନ୍‌ସ୍ ସିଟସ୍ । ଲଣ୍ଡନ: ଡିପାଟ୍‌ମେଣ୍ଟ ଫର ଇନ୍‌ଟାର ନେସନାଲ ଡେଭଲପ୍‌ମେଣ୍ଟ ।

ଇଉ.ଏନ୍.ଡି.ପି. ୨୦୦୧ ଏନାଲିସିସ୍ ଅଫ୍ ସାସ୍‌ଟେନେବଲ୍ ଲାଇଭଲିହୁଡ୍‌ସ୍ ଅଫ ଦି ପୁଅର ଇନ୍ ନରଦାନ୍ ଆପଲେଣ୍ଡସ୍ ଅଫ ଭିଏତନାମ । ପ୍ରୋଜେକ୍ଟ ଭି.ଆଇ.ଇ/୯୮/୦୦୯/୦୧/ଏନ୍. ଇ. ଏକ୍ସ. । ଇଉନାଇଟେଡ ନେସନ୍‌ସ୍ ଡେଭଲପମେଣ୍ଟ ପ୍ରୋଗ୍ରାମ ।

ଫାମ୍ ସିନ୍ ତାମ୍ ଏବଂ ଟ୍ରିନ୍ କୁଆଙ୍ଗ ତୁ ଏମାନେ ମତ୍ସ୍ୟଚାଷ ଗବେଷଣା କେନ୍ଦ୍ରର ପ୍ରଚାର ବିଭାଗରେ ଅଛନ୍ତି ଯାହାକି ଭିଏତନାମର ହାନୋଇ ପାଖରେ ନମ୍ବର ୧ ବେକ୍ ଜିନ୍‌ରେ ଅବସ୍ଥିତ । ସେମାନଙ୍କ ସହିତ ଯୋଗଯୋଗ କରିପାରିବେ :-
< Minhtam 1977@ Yahoo.Com>and<Vipavadi2@Yahoo.Com>or<ria1@hn.vnn.vn >.

# ଦକ୍ଷୀଣ ପୂର୍ବ ଭିଏତନାମରେ ଦାରିଦ୍ର ଦୂରୀକରଣ ପାଇଁ ମାଛଚାଷ ବିକାଶ ଦ୍ୱାରା ଦୀର୍ଘସ୍ଥାୟୀ ଜୀବିକା ନିର୍ବାହର ପ୍ରଚେଷ୍ଟା ।

ନୁଏନ୍ ଭେନ୍ ତୁ ଏବଂ ନୁଏନ୍ ମିନ୍ ଡାକ୍

**AIT-AOP**

ଏସିୟାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲଜି ଆକୁଆ ଆଲଟ୍ ରିଚ ପ୍ରୋଗ୍ରାମ ( AIT-AOP ) ର ସିଡାରୁ ଅର୍ଥ ସାହାଯ୍ୟ ପାଇ "ଜଳୀୟ ସଂପଦ ପରିଚାଳନା ଦ୍ୱାରା ଗ୍ରାମୀଣ ବିକାଶ ପ୍ରକଳ୍ପ" କାର୍ଯ୍ୟକାରୀ କରାଯାଇଥିଲା ଭିଏତନାମର ଦକ୍ଷିଣ ପୂର୍ବାଞ୍ଚଳରେ ୧୯୯୪ ମସିହାରେ । ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଥିଲା ଦାର୍ଘସ୍ଥାୟୀ ଭାବରେ ମତ୍ସ୍ୟ ସଂପଦ ପରିଚାଳନା ଦ୍ୱାରା ଗ୍ରାମିଣ ଅଞ୍ଚଳରେ ଗରିବ ଲୋକମାନଙ୍କର ଜୀବିକା ଉନ୍ନତି । ଏହାର କାର୍ଯ୍ୟକ୍ରମ ଥିଲା ପୋଖରୀରେ ମାଛଚାଷର ପ୍ରୟାସ କରା ଏବଂ ଜିଲ୍ଲାସ୍ତରୀୟ କୃଷି ପ୍ରସାର କେନ୍ଦ୍ରର ଉନ୍ନତି, ଛୋଟ ସ୍ତରର ମାଛଚାଷର ଧିରେ ଧିରେ ଉନ୍ନତି ହେଲା, ଗରିବ ମାନଙ୍କର ରୋଜଗାରରେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ହେଲା । ଏହି ପ୍ରକଳ୍ପ ମଧ୍ୟରେ ଦୀର୍ଘସ୍ଥାୟୀ ଭାବରେ ଜିବୀକା ନିର୍ବାହ ବିଶ୍ଲେଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା:

* ନିର୍ବାଚିତ ସ୍ଥାନରେ ଗରୀବ କୃଷକ ଏବଂ ମତ୍ସ୍ୟଚାଷୀ ମାନଙ୍କର ଉତ୍ପାଦନର ଅବସ୍ଥା, ଜୀବନ ଧାରଣର ପ୍ରଣାଳୀ ଏବଂ ଜିବୀକା ନିର୍ବାହ ସଂପଦର ଅବସ୍ଥା ବିଶ୍ଲେଷଣ କରା ।
* ଗରିବ କୃଷକ ଏବଂ ମତ୍ସ୍ୟଚାଷୀ ମାନଙ୍କର ପ୍ରଧାନ କାର୍ଯ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ଆୟର ଉତ୍ସ କଣ ତାହା ଚିହ୍ନଟ କରା ଏବଂ ସେମାଙ୍କର ଦାରିଦ୍ର ଦୂରିକରଣ ପାଇଁ କଣ ସାହାଯ୍ୟ ପ୍ରୟୋଜନ ତାହା ବୁଝିବା ।
* ଗରିବ ମାନଙ୍କର ସଂପଦ ବ୍ୟବହାର ପାଇଁ କେଉଁ ବିଷୟଟି, ସଂସ୍ଥା ଏବଂ ନୀତି ପ୍ରଭାବିତ କରୁଛି ଏବଂ ଜଳୀୟ ସଂପଦ ବିକାଶ ଦ୍ୱାରା କ୍ଷୁଧା ଏବଂ ଗରିବି ଦୂରୀକରଣ ପାଇଁ ସ୍ଥାନୀୟ ସରକାର ଏବଂ ସଂପର୍କିତ ସଂସ୍ଥା ଗୁଡ଼ିକ ଏକ ପଦ୍ଧତି ତିଆରି କରିବା ପାଇଁ ସାହାଯ୍ୟ ।
* ପ୍ରକଳ୍ପର କାର୍ଯ୍ୟକ୍ରମର ପରିଚାଳନା ପାଇଁ ମୂଳତଥ୍ୟ ଗୁଡ଼ିକୁ ସଂଗ୍ରହ କରିବା, ଯେଉଁପ୍ରକଳ୍ପର ଲକ୍ଷ ହେଉଛି ଆହୁରି ଭଲ ଭାବରେ ଜଳୀୟ ସଂପଦର ବ୍ୟବହାର ଦ୍ୱାରା ଗରିବ ମାନଙ୍କର ଜୀବିକାର ଉନ୍ନତି କରା ।

**କାର୍ଯ୍ୟକାରୀ କରିବା**

ଦୀର୍ଘସ୍ଥାୟୀ ଜୀବିକା ବିଶ୍ଲେଷଣର ପ୍ରଚେଷ୍ଟାକୁ କାର୍ଯ୍ୟକାରୀ କରିବା ପାଇଁ AIT-AOP ର କର୍ମଚାରୀମାନେ ସ୍ଥାନୀୟ ଅଧିକାରୀ ଏବଂ ସଂପୃକ୍ତ କର୍ମସାଧକ ଦଳ ଯେପରି କୃଷି ଓ ଗ୍ରାମ୍ୟ ଉନ୍ନୟନ ବିଭାଗ( DRDA ) ଏବଂ AECS ସହଯୋଗୀ ପ୍ରଦେଶ ସହିତ ପରାମର୍ଶ କରି ଗ୍ରାମ ଗୁଡ଼ିକର ଶୀଘ୍ର ଗୁଣ ନିର୍ଦ୍ଧାରଣ କରିବା କାର୍ଯ୍ୟ ଚଳାଇଛନ୍ତି । ପର୍ଯ୍ୟବେକ୍ଷଣ ଦଳ ପ୍ରସ୍ତାବ ଆଣିଲେ ତେ ନିନ୍ ପ୍ରଦେଶର ଚାଉ ଆନ୍ ଜିଲ୍ଲାର ହୋଆ ଆନ୍ ସଂପ୍ରଦାୟ, ବିନ୍ ଫୁଅକ୍ ଲଙ୍ଗ ଜିଲ୍ଲାର ଲଙ୍ଗହା ସଂପ୍ରଦାୟ ଏବଂ ଡଙ୍ଗନାଇ ପ୍ରଦେଶର ତାନ୍ ଫୁ ଜିଲ୍ଲାର ଆନ୍ ସନ୍ ସଂପ୍ରଦାୟକୁ ବାଛିବା ପାଇଁ, ଏହି ସଂପ୍ରଦାୟମାନେ ଗରିବ ମାତ୍ର ଜଳୀୟ ସଂପଦର ଉନ୍ନତି ପାଇଁ ସେମାନଙ୍କର ଉଚ୍ଚ ସମ୍ଭାବନା ରହିଛି ।

ପର୍ଯ୍ୟବେକ୍ଷଣ ଆରମ୍ଭ କରିବା ପୂର୍ବରୁ AIT-AOP ସ୍ଥାନୀୟ କର୍ମଚାରୀ ମାନଙ୍କୁ ଦୀର୍ଘସ୍ଥାୟୀ ଜୀବିକା ପ୍ରଚେଷ୍ଟାର ତାଲିମ ଦେଇଥିଲେ । ଏହା ପରେ ବହୁ ଅନୁଶାସନଯୁକ୍ତ ଏକ ଦଳ DRDA, AEC, ରାଜ୍ୟ କୃଷି ଏବଂ ଅନ୍ୟାନ୍ୟ ସଂପୃକ୍ତ କର୍ମସାଧକ ଦଳ ଦ୍ୱାରା ଗଠନ କରାଗଲା । ଦୀର୍ଘସ୍ଥାୟୀ ଜୀବିକା ବିଶ୍ଲେଷଣ ଅନୁଷ୍ଠିତ ହୋଇଥିଲା ଫେବୃୟାରୀ ରୁ ଏପ୍ରିଲ ୨୦୦୨ରେ ସେହି ତିନୋଟି ସଂପ୍ରଦାୟ ମଧ୍ୟରେ । ଏହି ବିଶ୍ଲେଷଣ ଦୀର୍ଘସ୍ଥାୟୀ ଜୀବିକା କାର୍ଯ୍ୟକ୍ରମ, ଅଂଶଗ୍ରହଣକାରୀ ଗ୍ରାମିଣ ଗୁଣ ନିର୍ଦ୍ଧାରକ ପଦ୍ଧତି ଉପରେ ଆଧାରିତ ଥିଲା, ଏହି ପଦ୍ଧତିକୁ ଆଧାର କରି ଜୀବିକା ବିଶ୍ଲେଷଣର ତଥ୍ୟ ସଂଗ୍ରହ କରାଗଲା ଏସବୁ ଉପରେ ଜୀବିକାର ସମ୍ବଳ, ଆଇନ୍, ଅନୁଷ୍ଠାନ ଏବଂ ପଦ୍ଧତି ଯାହା ଜୀବିକା ଉତ୍ପାଦନକୁ ପ୍ରଭାବିତ କରେ । ସମସ୍ୟା, ବାଧା ଏବଂ ଜଳୀୟ ସଂପଦ ଉନ୍ନତ କରିବାର ସୁବିଧା ବିଷୟରେ ତଥ୍ୟ ସଂଗ୍ରହ କରାଗଲା ଏବଂ ବିଶ୍ଲେଷଣ ମଧ୍ୟ କରାଗଲା ।

**କିଛି ପ୍ରାପ୍ତି**

ଗବେଷଣା କ୍ଷେତ୍ରରେ ଗରିବ ଲୋକମାନଙ୍କ ପାଖରେ ଚାଷଜମି, ପୁଞ୍ଜି ଓ ବୈଜ୍ଞାନିକ ଜ୍ଞାନ କୌଶଳର ଅଭାବ ରହିଛି । ପ୍ରାୟତଃ ସେମାନେ ଖରାପ ପରିବେଶ ଓ ରୋଗର କବଳରେ ପଡ଼ନ୍ତି । ସେମାନେ ଉତ୍ପାଦନ ବୃଦ୍ଧି ପାଇଁ ଯେଉଁ ପୁଞ୍ଜି ଲଗାଇବାର ଦରକାର ହୁଏ, ତାହା ସେମାନେ ଯୋଗାଡ଼ କରି ପାରନ୍ତି ନାହିଁ, ଏପରି ଅବସ୍ଥାରେ ଗରିବ ଏବଂ କୃଷି ବିକାଶ ବ୍ୟାଙ୍କରୁ ଋଣ ମଧ୍ୟ ଦେଇ ପାରନ୍ତି ନାହିଁ ।

ପ୍ରତ୍ୟେକ ଗରିବ ଘରର ନିଜସ୍ୱ ସମସ୍ୟା ରହିଛି । ସେଥିପାଇଁ କ୍ଷୁଧା ଏବଂ ଗରିବ ଦୂରିକରଣ କାର୍ଯ୍ୟକ୍ରମ ଏପରି ହେବା ଉଚିତ, ଯାହାକି ଏଇ ସବୁ ପରିବାର ମାନଙ୍କର ସମସ୍ୟାର ସମାଧାନ କରିପାରିବ । ଯେ କୌଣସି କାର୍ଯ୍ୟକ୍ରମ କେବଳ ଗରିବ ମାନଙ୍କର ଜୀବିକା ନିର୍ବାହକୁ ପ୍ରଭାବିତ କରେ କେବଳ ସେତିକି ନୁହେଁ, ମାତ୍ର ନୀତି ତିଆରି କରିବାରେ ସାହାଯ୍ୟ କରେ, ଯେପରି ଋଣ ଏବଂ ପ୍ରାକୃତିକ ସଂପଦର ରକ୍ଷଣାବେକ୍ଷଣ, ଯାହାଦ୍ୱାରା ଗରିବ ଲୋକମାନେ ଉପକୃତ ହୋଇପାରିବେ ।

ଗରିବ କୃଷକ ମାନଙ୍କର ମୁଖ୍ୟ ଉପାର୍ଜନ ଉପାୟ ହେଉଛି, କୃଷି କାର୍ଯ୍ୟ, ମାଛଚାଷ ଓ ପଶୁପାଳନ ଏହାଛଡ଼ା ସେମାନେ ମୂଳ ମଜୁରୀର କାର୍ଯ୍ୟ ମଧ୍ୟ କରନ୍ତି। ମାଛଚାଷକୁ ଅତରିକ୍ତ ଆୟର ଉପାୟ ଭାବରେ ବୃଦ୍ଧି କରିବା ପାଇଁ ସ୍ଥାନୀୟ ପ୍ରାପ୍ତ ସଂପଦର ବିକାଶ କରିବା ଦରକାର। ଯେପରି ପରିଶ୍ର, କୃଷିଜମି ଓ ପ୍ରସାର ସେବା ଦ୍ୱାରା ପ୍ରାପ୍ତ ବୈଜ୍ଞାନିକ ଶିକ୍ଷା। ପ୍ରାକୃତିକ ଜଳାଶୟରୁ ମାଛ ଧରିବା ଗରିବ କୃଷକ ମାନଙ୍କର ଏକମାତ୍ର ସ୍ରୋତ। ଯେତେବେଳେ ଜଳର ପରିମାଣ କମିଯାଏ, ସେତେବେଳେ ସେମାନେ କୃଷିକାର୍ଯ୍ୟ କିମ୍ବା ମୂଲ ମଜୁରୀର କାର୍ଯ୍ୟ କରିଥାଆନ୍ତି। ,ସୁତରାଂ ସେମାନଙ୍କର ଏକ ଗୋଷ୍ଠିଗତ ସୁଯୋଗ୍ୟ ପଦ୍ଧତିର ଆବଶ୍ୟକ ଯାହାଦ୍ୱାରା ସେମାନେ ଦୀର୍ଘସ୍ଥାୟୀ ଭାବରେ ସେମାନଙ୍କର ସଂପଦର ବୃଦ୍ଧି ଏବଂ ବ୍ୟବସାୟ ଉନ୍ନତି କରିପାରିବେ।

ଗରିବ ଲୋକମାନଙ୍କର ଏକ ଦଳ ଗଠନ କରିବା ନିହାତି ଦରକାର, ଯାହାଦ୍ୱାରା ସେମାନେ ଜ୍ଞାନ ଓ ଅଭିଜ୍ଞାନ ଆଦାନ ପ୍ରଦାନ ସାହାଯ୍ୟରେ ବାଧା ଏବଂ ସମସ୍ୟାକୁ ଚିହ୍ନିତ କରିପାରିବେ, ଏବଂ ତାର ସମାଧାନ ଓ ଗୋଷ୍ଠିର କ୍ଷମତାକୁ ପରିଚାଳିତ କରିପାରିବେ। ଏହିପରି ଦଳ, ସ୍ଥାନୀୟ ସରକାର, ପ୍ରସାର କେନ୍ଦ୍ର, କ୍ଷୁଧା ଏବଂ ଦାରିଦ୍ର ଦୂରୀକରଣ କମିଟି ଦ୍ୱାରା, ଦାରିଦ୍ର ଦୂରୀକରଣର ପ୍ରଚେଷ୍ଟା ଦ୍ୱାରା ଦାରିଦ୍ରମାନେ ଉପକୃତ ହୋଇ ପାରିବ।

**ସାହାଯ୍ୟକାରୀ କାର୍ଯ୍ୟକ୍ରମ**

*ମାଛଚାଷ ପାଇଁ ଗ୍ରାମରେ କୃଷକ ମାନଙ୍କ ପାଇଁ କୃଷକ ବିଦ୍ୟାଳୟ*

ଦୀର୍ଘସ୍ଥାୟୀ ଜୀବିକା ନିର୍ବାହର ବିଶ୍ଳେଷଣ ଦ୍ୱାରା କୃଷକମାନେ ମାଛଚାଷକୁ ଆୟ ବୃଦ୍ଧିର ଉପାୟ ଭାବରେ ଗ୍ରହଣ କରିଥିଲେ। କୃଷକ ମାନଙ୍କର ପ୍ରୟୋଜନିୟତା ପାଇଁ ତିନୋଟି ପ୍ରଦେଶର କୃଷି ପ୍ରସାରଣ କେନ୍ଦ୍ରରୁ AIT-AOP କୁ ଗ୍ରାମରେ ମାଛଚାଷ ବିଷୟରେ କୃଷକମାନଙ୍କୁ ଶିକ୍ଷା ଦେବା ପାଇଁ କୃଷକ ବିଦ୍ୟାଳୟ ସ୍ଥାପନ ପାଇଁ ସାହାଯ୍ୟ ମାଗାଯାଇଥିଲା। ଏହି ବିଦ୍ୟାଳୟ କୃଷକମାନଙ୍କ ଦ୍ୱାରା କୃଷକମାନଙ୍କ ପାଇଁ ଗଠିତ ଏବଂ ବିଦ୍ୟାଳୟ କୃଷକମାନଙ୍କୁ ସୁଯୋଗ ଦିଏ ମାଛଚାଷ ପାଇଁ। ନୂତନ ନୂତନ ବୈଜ୍ଞାନିକ ଶିକ୍ଷାକୁ ପରସ୍ପର ମଧ୍ୟରେ ବାଣ୍ଟିବା ପାଇଁ। ଏହି ବିଦ୍ୟାଳୟରୁ କୃଷକମାନେ ଲାଭ, କ୍ଷତିର, ପରୀକ୍ଷା ନିରୀକ୍ଷା ଏବଂ ପ୍ରକୃତ ସମାଧାନ ପାଆନ୍ତି ପ୍ରାକୃତିକ ସଂପଦକୁ ବ୍ୟବହାର କରିବାର ଶିକ୍ଷା ଲାଭ କରନ୍ତି। ଏହି କୃଷକ ବିଦ୍ୟାଳୟ ଜଳୀୟ ସଂପଦକୁ କିପରି ଭାବରେ ମାଛଚାଷରେ ବ୍ୟବହାର କରି ଜୀବିକା ନିର୍ବାହର ସୁଯୋଗ ପାଇବ ସେଥିପାଇଁ ସାହାଯ୍ୟ କରେ। କୃଷକ ଗୋଷ୍ଠି ଏବଂ ପାରିବାରିକ ସ୍ତରରେ ଉନ୍ନତର ପରିକଳ୍ପନା ପ୍ରକ୍ରିୟାରେ ଲୋକମାନଙ୍କର ସକ୍ରିୟ ଯୋଗଦାନକୁ ସାହାଯ୍ୟ କରେ।

**ମାଛ ଧରା ଓ ଜଳିୟ ସଂପଦର ରକ୍ଷା ଦଳ**

କୃଷକ ଏବଂ ମଛୁଆରାମାନେ ତାଙ୍କର ଖାଦ୍ୟ ଏବଂ ଉପାର୍ଜନ ପାଇଁ ଲଙ୍ଗହା ସଂପ୍ରଦାୟରେ ଥିବା ଜଳଭଣ୍ଡାରର ଜଳୀୟ ସଂପଦ ଉପରେ ଏବଂ ଇଷ୍ଟ ଭାନ୍ କୋ ରିଭାରରେ ଥିବା ଜଳଭୂମି ଓ କେନାଲ ଯାହା କି ହାଉଥାନ୍ ସଂପ୍ରଦାୟରେ ରହିଛି ତା ଉପରେ ନିର୍ଭର କରନ୍ତି। ସେମାନେ ବୁଝିପାରିଲେ ଜଳୀୟ ସଂପଦର ରକ୍ଷା ପାଇଁ ଅତି ଶୀଘ୍ର ଏକ ଅଧିକ ଉନ୍ନତ ସାଂପ୍ରଦାୟୀକ କଳାକୌଶଳର ପ୍ରଯୋଜନ ତେଣୁ ସଂପ୍ରଦାୟର ସରକାର, କୃଷକ, ମାଛଚାଷୀ ମାନେ କେବଳ ଗଠନ କଲେ ମାଛଧରା ଓ ଜଳୀୟ ସଂପଦର ରକ୍ଷା ପାଇଁ । ସେମାନେ ମାଛ ଧରା ଉପରେ ଏକ ପ୍ରବିଧାନ ବା ନିୟମ ପ୍ରସ୍ତୁତ କଲେ ଏବଂ ପ୍ରତି ମାସ ମିଟିଙ୍ଗ କଲେ । ସଦସ୍ୟମାନେ ନିଷ୍ପତ୍ତି କଲେ ଯେ ମାଛ ଧରିବା ବନ୍ଦ କରିବେ । ଦଳର କାର୍ଯ୍ୟକୁ ଧନ୍ୟବାଦ ଯାହାଦ୍ୱାରା ଅବୈଧ ମାଛଧରା କମିଯାଇଛି । ମାଛର ପରିମାଣ ବୃଦ୍ଧି ପାଇଁ ଜୁଲାଇ ୨୦୦୨ରେ ବିନ୍ ଫୁଅକ୍ ପ୍ରବେଶର କୃଷି ଏବଂ ଗ୍ରାମୀଣ ବିକାଶ ବିଭାଗ ୮୦ କିଲୋ ବଡ଼ ଜାଆଁଳ ଜଳ ଭଣ୍ଡାରରେ ଛାଡ଼ିବା ପାଇଁ ସାହାଯ୍ୟ କରିଥିଲେ । ଗରିବ ଲୋକମାନଙ୍କର ଉନ୍ନତି ପାଇଁ ଏବଂ ପ୍ରାକୃତିକ ସଂପଦ ଉପରୁ ଚାପ କମାଇବା ପାଇଁ ତେ ନିନ୍ ପ୍ରଦେଶର ସ୍ଥାନୀୟ ସରକାର ଗୋଷ୍ଠିର ମାଛ ଚାଷର ଉନ୍ନତି ପାଇଁ ପରିକଳ୍ପନା ତିଆରି କରିଛନ୍ତି ।

**ପ୍ରାପ୍ତ ଶିକ୍ଷା**

ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ ବିଶ୍ଳେଷଣ ପ୍ରଚେଷ୍ଟା ଏପରି ଏକ ସାଧନ ଯାହାଦ୍ୱାରା ଗରିବ ଲୋକମାନେ ନିଜ ପାଖରେ କଣ ସଂପଦ ଅଛି ତାହା ବୁଝିପାରନ୍ତି ଏବଂ ସ୍ଥାନୀୟ କର୍ମୀ ମାନେ ଗରିବ ମାନଙ୍କର ଜୀବନ ଯାପନକୁ ବୁଝି କଣ କରିଲେ ସେମାନଙ୍କର ସାହାଯ୍ୟ ହେବ ତାହା ଜାଣି ପାରନ୍ତି । ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ ବିଶ୍ଳେଷଣକୁ ଆହୁରି ଭଲ ଭାବରେ କରିବାକୁ ହେଲେ ନିମ୍ନ ଲିଖିତ ବିଷୟ ଉପରେ ଧ୍ୟାନ ଦେବା ଉଚିତ୍ :

* ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ ବିଶ୍ଳେଷଣ କରି ଦଳ ଗଠନ – ଗରିବ ଲୋକମାନଙ୍କର ସାହାଯ୍ୟ ନିମନ୍ତେ ଯେଉଁମାନେ କାର୍ଯ୍ୟ କରୁଛନ୍ତି ସେହି ସବୁ ସଂସ୍ଥାର ସଦଶ୍ୟମାନଙ୍କୁ ନେଇ ଦଳ ଗଠନ କରିବା ଉଚିତ୍ (ଯେଉଁ ପ୍ରକାର ପ୍ରାଦେଶିକ କୃଷି ପ୍ରସାର କେନ୍ଦ୍ର)
* ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ ପ୍ରଜାବଖଣ ସମୟରେ – ପର୍ଯାବ୍ୟଖଣ କାର୍ଯ୍ୟ କର୍ମ ଦୁଇ ସପ୍ତାହରୁ ବେଶୀ କରିବା ଉଚିତ ନାହିଁ । ପର୍ଜାବ୍ୟଖଣ ସମୟରେ କୃଷକ ଏବଂ ମାଛ ଚାଷଙ୍କର ପ୍ରତ୍ୟେକ ସଭାରେ ସଂସ୍ଥାର ସଭ୍ୟ ମାନଙ୍କର ଅଂଶ ଗ୍ରହଣ କରିବା ନିହାତି ଆବଶ୍ୟକ ।
* ଅନୁସରଣ କାର୍ଯ୍ୟକ୍ରମ – ଗରିବ ଲୋକମାନଙ୍କର ଜୀବନରେ ପ୍ରଧାନ ପ୍ରଭାବକାରି ବିଷୟ ମାନଙ୍କର ଜାଣିବା ପାଇଁ ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ ବିଶ୍ଳେଷଣ କରିବା ଆବଶ୍ୟକ । ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ ବିଶ୍ଳେଷଣ କରିବା ପରେ, ଗୋଟିଏ ଅନୁଶରଣ କାର୍ଯ୍ୟକ୍ରମର ପରିକଳ୍ପନା ଶୀଘ୍ର ପ୍ରସ୍ତୁତ କରିବା ଉଚିତ୍ ଯେଉଁଠାରେ କୃଷକ ଏବଂ ମାଛ ଚାଷି ମାନଙ୍କର ଅଂଶ ଗ୍ରହଣ କରିବେ ।

ନୁଏନ୍ ଭାନ୍‌ତୁ ହେଉଛନ୍ତି ଦକ୍ଷିଣ ଭିଏତ୍‌ନାମର ଏଆଇଟି – ଆକୁଆ ଆଉଟ୍ ରିଚ୍ ପ୍ରୋଗାମରୁ ଦେଶୀୟ ପ୍ରବନ୍ଧକ । ତାଙ୍କର ଯୋଗାଯୋଗର ଠିକଣା – <nvantu@hcmuaf.edu.vn>
ନୁଏନ୍ ମିନ୍ ଡ଼ାକ୍ ହୋଚି ମିନ୍ ସହରର ନଂଗ ଲାମ୍ ବିଶ୍ୱ ବିଦ୍ୟାଳୟର ମତ୍ସ୍ୟ ବିଭାଗରେ କାର୍ଯ୍ୟ କରୁଛନ୍ତି । ତାଙ୍କର ଯୋଗାଯୋଗର ଠିକଣା <nmduc@hcmuaf.edu.vn>

# ଷ୍ଟ୍ରିମ୍ ସଂବାଦପତ୍ର ସଂପର୍କରେ

ଷ୍ଟ୍ରିମ **ଦ୍ୱାରା ପ୍ରକାଶିତ –** ଆଞ୍ଚଳିକ ଜଳକୃଷି ସଂପଦର ପରିଚ଼ାଳନାକୁ ସହାୟତା
ନେଟ୍ ୱାର୍କ ଅଫ୍ ଆକ୍ୱାକଲ୍ଚର୍ ସେଣ୍ଟରସ୍ ଇନ୍ ଏସିଆ – ପାଶିଫିକ୍ (ଏନ୍ ଏ ସି ଏ) ସେକ୍ରେଟେରିଏଟ
ସୁରାସ୍ୱାଦି ବିଲ୍ଡିଙ୍ଗ୍
ଡ଼ିପାର୍ଟମେଣ୍ଟ ଅଫ୍ ଫିସେରିଜ୍ କମ୍ପାଉଣ୍ଡ ।
କାସେଟ୍ସାର୍ଟ ୟୁନିଭର୍ସିଟି କ୍ୟାମ୍ପସ୍
ଲେଡ଼ିଆଓ, ଜାଟୁଜକ୍, ବ୍ୟାଙ୍କକକ୍ ୧୦୯୦୩
ଥାଇଲାଣ୍ଡ

ସଂପାଦକୀୟ ପ୍ରବନ୍ଧ ଦଳ

କାଥ୍ କୋପ୍ଲେ, ଷ୍ଟ୍ରିମ କମ୍ୟୁନିକେସନ୍ସ ସ୍ପେଶାଲିଷ୍ଟ
ଗ୍ରାହାମ୍ ହେଲର୍, ଷ୍ଟ୍ରିମ ନିର୍ଦ୍ଦେଶକ
ଲି ଥାନ୍ହ ଲୁ, ଷ୍ଟ୍ରିମ୍ ଭିଏତ୍ନାମ୍ ନ୍ୟାସ୍ନାଲ ସହ–ଯୋଜନକାରୀ
ଉଇଲିୟମ୍ ସାଭେଜ୍, ଷ୍ଟ୍ରିମ୍ ଯୋଗାଯୋଗ ବିଶେଷଜ୍ଞ
ସୋନିଆ ସେଭିଲି, ଷ୍ଟ୍ରିମ ଫିଲିପାଇନ୍ସ ନ୍ୟାସ୍ନାଲ ସହ–ଯୋଜନକାରୀ
ଥାଇ ସୋମନି, ଷ୍ଟ୍ରିମ କାମ୍ବୋଡ଼ିଆ ନ୍ୟାସ୍ନାଲ୍ ସହ–ଯୋଜନକାରୀ

**ଉଦ୍ଦେଶ୍ୟ –**

ଷ୍ଟ୍ରିମ ସମ୍ବାଦପତ୍ରର ଚ଼ତୁର୍ଥାଂଶ ଅଂଶ ଗ୍ରହଣକୁ ସଂଯୋଗ ସ୍ଥାପନ, ଏବଂ ନିୟମ ଯାହାକି ଏସିଆ – ପ୍ୟାସିଫିକ୍ରେ ଥିବା ଦରିଦ୍ର ଜଳକୃଷି ସଂପଦର ଜୀବନ ଧାରଣକୁ ବ୍ୟବହାର କରନ୍ତି ସେମାନଙ୍କୁ ସାହାଯ୍ୟ ଏବଂ ଅଞ୍ଚଳ ମଧ୍ୟରେ ଥିବା ଜଳକୃଷି ସଂପଦର ପରିଚ଼ାଳନା ଏବଂ ଅନ୍ୟ ବିଭାଗ ଗୁଡ଼ିକ ମଧ୍ୟରେ ଥିବା ସଂପର୍କକୁ ଗଢ଼ି ତୋଳିବା କାର୍ଯ୍ୟକୁ ପ୍ରକାଶିତ କଲା । ଷ୍ଟ୍ରିମ ସମ୍ବାଦପତ୍ର ଏହି ପ୍ରଚ଼ାରକୁ ଲୁଚ଼ାଇ ରଖିଥିଲା ଯେଉଁଥିରେ କି ଲୋକମାନଙ୍କର ଜୀବଶୈଳୀ ଜଳକୃଷି ପରିଚ଼ାଳନା ସହ ସଂପୃକ୍ତ ଥିଲା, ଏବଂ ସରକାର, ଅଣ–ସରକାର ଏବଂ ଆନ୍ତର୍ଜାତିକ–ବ୍ୟବହାରକାରୀ ଯେଉଁମାନେ ସଂପ୍ରଦାୟ ସଙ୍ଗେ ମିଶି କାର୍ଯ୍ୟ କରନ୍ତି । ଏହି ପ୍ରଚ଼ାର ମଧ୍ୟ ଶିକ୍ଷା, ଦ୍ୱନ୍ଦ ମୂଳକ ପରିଚ଼ାଳନା, ସୂଚ଼ନା ଏବଂ ସଂପର୍କ ସ୍ଥାପନକାରୀ କଳାକୌଶଳ ସହ ସଂପୃକ୍ତ, ଜଳକୃଷି ସଂପଦର ପରିଚ଼ାଳନା, ବ୍ୟବସ୍ଥାପନା, ଜୀବନନିର୍ବାହନ, ମହିଳା, ଅଂଶଗ୍ରହଣ, ଅଂଶଧିକାରୀ, ନୀତିନିୟମ ଏବଂ ସଂଯୋଗ ସହ ସଂପୃକ୍ତ ।

ଷ୍ଟ୍ରିମର ଅନ୍ୟ ଏକ ସମ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ଏକ ବ୍ୟବସାୟିକ ପ୍ରତିଷ୍ଠାନ ବାସ୍ତବରେ ଏକ ଶିକ୍ଷାନୁଷ୍ଠାନକୁ ସ୍ୱାଧୀନ ଭାବେ ପ୍ରତିନିଧିତ୍ୱ କରିବାର ସୁଯୋଗକୁ ଆୟୋଜନ କରିବା ।

ଷ୍ଟ୍ରିମ ସମ୍ବାଦପତ୍ରର ସୂଚ଼ୀପତ୍ର କେବଳ ନିର୍ଦ୍ଦିଷ୍ଟ ଅନୁଷ୍ଠାନ ବା ସଂସ୍ଥାର ମତାମତକୁ ପ୍ରତିଫଳ କରିବା ନୁହଁ ବରଂ ଏହା ଲୋକମାନଙ୍କର ନିଜର ପାରଦର୍ଶୀତା ଉପରେ ମଧ୍ୟ ପର୍ଯ୍ୟବେସିତ । ଯେତେବେଳେ ଲେଖକମାନେ ସେମାନଙ୍କର ପ୍ରବନ୍ଧ ଉପରେ ଗୁରୁତ୍ୱ ଦିଅନ୍ତି, ସେତେବେଳେ ଷ୍ଟ୍ରିମ ଯେକୌଣସି ସଂପାଦକୀୟ ପକ୍ଷପାତ ଏବଂ ପ୍ରବାଦର ଦାୟୀତ୍ୱକୁ ଗ୍ରହଣ କରିଥାଏ ।

**ବଣ୍ଟନ –**

ଷ୍ଟ୍ରିମ୍ ସଂବାଦପତ୍ର ତିନୋଟି ନିର୍ଦ୍ଦିଷ୍ଟ ପୁସ୍ତକର ଏକତ୍ର ମୁଦ୍ରଣୀୟ ଅଂଶ ଉପରେ ପର୍ଯ୍ୟବେସିତ ।

* ଏକ ବୈଦୁତିକ ପିଡ଼ିଏଫ୍ ବ୍ୟାଖ୍ୟା ଯାହାକି ଷ୍ଟ୍ରିମ୍ କମ୍ୟୁନିକେସନ୍ ହବ୍ ଦ୍ୱାରା ପ୍ରତ୍ୟେକ ଦେଶରେ ପ୍ରକାଶିତ ଏବଂ ବଣ୍ଟନ କରାଯାଇଛି ।
* ଷ୍ଟ୍ରିମ୍ ୱେବସାଇଟରୁ ମିଳିବ : www.streaminitiative.org
* ଏକ ଲିଖିତ ବ୍ୟାଖ୍ୟା ଯାହାକି ନାକା ସେକ୍ରେଟେରୀଏଟ୍ ଦ୍ୱାରା ବଣ୍ଟନ କରାଯାଇଛି ।

**ଯୋଗଦାନ :–**

ଷ୍ଟ୍ରିମ ସଂବାଦପତ୍ର ଜଳକୃଷି ସଂପଦର ବ୍ୟବହାରୀ ମାନଙ୍କର ଉତ୍ସାହର ପ୍ରବନ୍ଧ ଏବଂ ଯେଉଁମାନେ ସେମାନଙ୍କ ସହିତ କାମ କରନ୍ତି ସେମାନଙ୍କୁ ଉତ୍ସାହିତ କରନ୍ତି । ଷ୍ଟ୍ରିମ ସଂବାଦପତ୍ର ମଧ୍ୟ ସଂପ୍ରଦାୟ–ସ୍ତରର ସହଯୋଗି ମାନଙ୍କର ନିଜର ଅନୁଭୂତିକୁ ମଧ୍ୟ ଏହି ପୃଷ୍ଠାରେ ଉଲ୍ଲେଖ କରିବାରେ ସାହାଯ୍ୟ କରେ ।

ପ୍ରବନ୍ଧ ଗୁଡ଼ିକ ସାଧାରଣତଃ ସରଳ ଇଂରାଜୀ ଭାଷାରେ ଲିଖିତ ଏବଂ ଏଥିରେ, ୧,୦୦୦ରୁ ଅଧିକ ଶବ୍ଦ ନଥାଏ ।
ଏହି ଯୋଗଦାନ ଉଇଲିୟମ୍ ସେଭେଜ୍ଙ୍କ ଦ୍ୱାରା ତିଆରି କରାଯାଇଛି ।

ଷ୍ଟ୍ରିମ ଜର୍ନାଲ୍ ଏଡ଼ିଟର୍ at<savage@loxinfo.co.th>
ଅଧିକ ସୁଚ଼ନା ପାଇଁ ଯୋଗାଯୋଗ କରନ୍ତୁ ଗ୍ରାହାମ୍ ହେଲର୍, ଷ୍ଟ୍ରିମ ଡ଼ାଇରେକ୍ଟର୍ at<ghaylor@loxinfo.co.th>

## ଷ୍ଟ୍ରିମ୍ ସଂପର୍କରେ

ସପୋର୍ଟ ଟୁ ରିଜିଓନାଲ୍ ଏକ୍ୱାଟିକ୍ ରିସୋର୍ସେସ୍ ମ୍ୟାନେଜ୍‌ମେଣ୍ଟ (ଷ୍ଟ୍ରୀମ୍) ନେଟ୍‌ୱାର୍କ ଅଫ୍ ଏକ୍ୱାକଲ୍‌ଚର୍ ସେଣ୍ଟର୍ସ ଇନ୍ ଏସିଆ ପ୍ୟାସିଫିକ୍ (ନାକା) ର ପାଞ୍ଚ ବର୍ଷିଆ କାର୍ଯ୍ୟକ୍ରମ ସହ ସ୍ୱେଚ୍ଛାକୃତ ଭାବେ ଜଡ଼ିତ । ଏହାର ଲକ୍ଷ୍ୟ ହେଉଛି ସଂସ୍ଥା ଏବଂ ଅନୁଷ୍ଠାନକୁ ସାହାଯ୍ୟ କରିବା ।

* ସ୍ଥିତି ଅବସ୍ଥାକୁ ବ୍ୟବହାର କରିବା ଏବଂ ପ୍ରସାରଣକୁ ସଫଳ ଭାବେ ଆଗେଇନେବା ।
* ଦରିଦ୍ର ଲୋକମାନଙ୍କର ଜୀବନନିର୍ବାହନକୁ ଭଲ ଭାବେ ବୁଝିବା
* ଦରିଦ୍ର ଲୋକମାନଙ୍କୁ ବିଭିନ୍ନ ନିତି ଏବଂ ଧାରା ଗୁଡିକ ଯାହାକି ତାଙ୍କ ଜୀବନ ଧାରଣ ଉପରେ ପ୍ରଭାବ ପକାଏ ସେଗୁଡ଼ିକ ବିଷୟରେ ସକ୍ଷମ କରାଇବା ।

ଷ୍ଟ୍ରୀମ ଏହି କାର୍ଯ୍ୟ ନିୟମ ଗୁଡ଼ିକର ଉନ୍ନତିକୁ ସାହାଯ୍ୟ କରିବା ଦ୍ୱାରା ଏବଂ ଧ୍ୟାନ କରିବାର ଧାରା ଗୁଡ଼ିକର ଅନୁଷ୍ଠାନ ଏବଂ କ୍ଷମତା ବୃଦ୍ଧିକରଣ ଦ୍ୱାରା କରିପାରିବ ।

* ଦରିଦ୍ର ଲୋକମାନଙ୍କର ଉପରେ ପ୍ରଭାବ ପକାଉଥିବା ଜଳ କୃଷି ସଂପଦ ପରିଚ଼ାଳନା ପ୍ରଚ଼ାରକୁ ଚ଼ିହ୍ନଟ କରିବା ।
* ବିଭିନ୍ନ ପରିଚ଼ାଳନା ପ୍ରବେଶ ଉପାୟର ନେତୃତ୍ୱ ନେବା ଏବଂ ମୂଲ୍ୟ ନିରୂପଣ କରିବା ।
* ସୂଚ଼ନାକୁ ପ୍ରସାରିତ କରିବା ଏବଂ
* ଦେଶ ଏବଂ ବିଭାଗ ଗୁଡ଼ିକ ମଧ୍ୟରେ ସଂମ୍ପର୍କ ସ୍ଥାପନ ।

ଷ୍ଟ୍ରୀମ ସ୍ୱେଚ୍ଛାପୂର୍ବକ ଅଂଶିଦାର, ଉପରେ ପର୍ଯ୍ୟବେସିତ ଯେଉଁ ମାନେ କି ନାକାକୁ ସାହାଯ୍ୟ କରୁଛନ୍ତି । ଏହା ଏକ ପ୍ରବେଶର ଉପାୟ ଅନ୍ତର୍ଗତକୁ ଗ୍ରହଣ କରିସାରିଛି ।

ଅଂଶୀଦାରୀ କାର୍ଯ୍ୟ ଜାତୀୟ ସହ ସଂମ୍ପର୍କ ସ୍ଥାପନକାରୀ (ଜଣେ ବରିଷ୍ଠ ସହଯୋଗୀ ସରକାରଙ୍କ ସହିତ) ଏବଂ ଜଣେ ସଂଯୋଗ ସ୍ଥାପନକାରୀ କେନ୍ଦ୍ର ପରିଚ଼ାଳକ (ପୂର୍ଣ୍ଣ–ସମୟ ନିୟୋଜିତ ଜଣେ ଜାତୀୟ ସହଯୋଗୀ ଷ୍ଟ୍ରୀମ ଦ୍ୱାରା ପ୍ରଥମ ଦୁଇ ବର୍ଷ ସାହାଯ୍ୟ କରିଥିଲେ ) ଏବଂ ଜାତୀୟ ଅଂଶାଧିକାରୀ ମାନଙ୍କର ଏକ ସଂମ୍ପର୍କ ସ୍ଥାପନକାରୀ ସୀମା ଦ୍ୱାରା ପ୍ରତ୍ୟେକ ରାଜ୍ୟରେ ସହସମ୍ବନ୍ଧିତ ଭାବେ କାର୍ଯ୍ୟ କରେ । ସଂଯୋଗ ସ୍ଥାପନକାରୀ କେନ୍ଦ୍ର କଠିନ ଧାତୁଦ୍ରବ୍ୟ, ନମନୀୟ ଧାତୁ ଦ୍ରବ୍ୟ, ତାଲିମ୍, ସୂଚ଼ନା କୌଶଳ ସାହାଯ୍ୟ, ଏବଂ ସମ୍ପର୍କ ଏବଂ ମାନବିକ ସମ୍ବଳର ସହଯୋଗ ଏବଂ ଜାତୀୟ ଅଂଶାଧିକାରୀ ମାନଙ୍କ ସହ ଆଞ୍ଚଳିକ ସଂମ୍ପର୍କ ସହ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା ।

ଜାତୀୟ ସହ ସମ୍ବନ୍ଧ ବାର୍ଷିକ ସମୀକ୍ଷା ହେଉଥିବା କଣ୍ଟ୍ରି ଷ୍ଟ୍ରାଟେଜୀ ପେପର୍ (ସି ଏସ୍ ପି) ଦ୍ୱାରା ପ୍ରଥ ପ୍ରଦର୍ଶିତ ହୋଇଥିଲା ଯାହାକି ଅଂଶୀଦାର ମାନଙ୍କ ସହାୟତାରେ ସହ ସମ୍ବନ୍ଧକାରୀ ଏବଂ କେନ୍ଦ୍ର ପରିଚ଼ାଳକଙ୍କ ଦ୍ୱାରା ଅଙ୍କିତ, ଯେଉଁମାନଙ୍କ ଦ୍ୱାରା ସେମାନେ ଧାରାବାହିକ ଭାବେ ସଂପର୍କ ସ୍ଥାପନ କରିପାରନ୍ତି ।

ସି ଏସ୍ ପି ମୁଖ୍ୟ ପ୍ରଚ଼ାର, ଆଞ୍ଚଳିକ ସଂପର୍କ ଗୁଡ଼ିକୁ ପ୍ରତିଫଳନ, ମୁଖ୍ୟ କାର୍ଯ୍ୟଗୁଡ଼ିକର ପ୍ରସ୍ତାବ ସମୁହ ଏବଂ ଷ୍ଟ୍ରୀମ୍ ଦ୍ୱାରା ଏବଂ ଅନ୍ୟ ଉପାୟରୁ ଗ୍ରହଣ କରିଥିବା ପୁଞ୍ଜିକୁ (ଷ୍ଟ୍ରୀମର ସହଯୋଗରେ) ଚ଼ିହ୍ନଟ କରେ ।

ଷ୍ଟ୍ରୀମର ଆଞ୍ଚଳିକ କାର୍ଯ୍ୟାଳୟ (ବ୍ୟାଙ୍କକକ୍‌ରେ ଥିବା ନାକା ସେକ୍ରେଟେରୀଏଟ୍‌ରେ) ସେଚ୍ଛାପୂର୍ବକ ଭାବେ ଆଞ୍ଚଳିକ ସହସଂଯୋଗ କାର୍ଯ୍ୟ ସମେତ, ପୁଞ୍ଜି ଏବଂ ଦ୍ୱନ୍ଦ ମୂଳକ କାର୍ଯ୍ୟର ପରିଚ଼ାଳନା କରେ ଯାହାକି ଜୀବିକା ନିର୍ବାହନ, ଅନୁଷ୍ଠାନ, ନିତି ଉନ୍ନୟନ ଏବଂ ସଂଯୋଗ ହେଉଛି ଷ୍ଟ୍ରିମ୍‌ର ଚ଼ାରୋଟି ସମାପ୍ତ ସାରାଂଶ ଉପରେ ପର୍ଯ୍ୟବେସିତ ।

ଷ୍ଟ୍ରୀମର ସ୍ଥାପନା ଏକ ପୁନରୁକ୍ତି ପ୍ରକ୍ରିୟା, ବର୍ତ୍ତମାନ ସ୍ୱେଚ୍ଛା ପୂର୍ବକ କାମ୍ବୋଡ଼ିଆ, ଭାରତ, ଇଣ୍ଡୋନେସିଆ, ଲାଓ ପିଡ଼ିଆର, ମିଆମାର୍, ନେପାଳ, ଭିଏତ୍‌ନାମ୍, ଫିଲିପାଇନ୍‌ସ, ଭିଏତ୍‌ନାମ ଏବଂ ୟୁନାନ୍ ଚାଇନା ଏସିଆ–ପ୍ୟାସିଫିକ୍ ମଧ୍ୟରେ ବିସ୍ତାରିତ ଭାବେ କାର୍ଯ୍ୟ କରୁଛି । ଯେଉଁ ଠାରେ ଦାରିଦ୍ରକୁ ସମ୍ଭାଳିଥାଏ ଏବଂ ଉତ୍ତମ ପରିଚ଼ାଳନାକୁ ସାହାଯ୍ୟ କରିଥାଏ ଯେଉଁଠାରେ ଅନୁଭୂତି ଲାଭ କରାଯାଏ । ଶିକ୍ଷା ଗ୍ରହଣ କରିବାକୁ ପଡ଼େ, ବଳକା ପୁଞ୍ଜି ସୁରକ୍ଷିତ ରହେ । ଷ୍ଟ୍ରୀମର ଯୋଗାଯୋଗ କୌଶଳର ଲକ୍ଷ୍ୟ ହେଉଛି ସଂପ୍ରଦାୟର ଜ୍ଞାନକୌଶଳକୁ ବୃଦ୍ଧି କରି ସେହି କାର୍ଯ୍ୟର ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି ଏବଂ ସେହି କାର୍ଯ୍ୟରୁ ସେମାନେ ଯାହା ଶିକ୍ଷା ଗ୍ରହଣକରୁଛନ୍ତି ତାହାକୁ ସମଗ୍ର ଏସିଆ–ପ୍ୟାସିଫିକ୍‌ରେ ବିସ୍ତାରିତ ଭାବେ ପ୍ରଚ଼ାର କରୁଛନ୍ତି । ଷ୍ଟ୍ରୀମ୍ ସମ୍ବାଦପତ୍ର ଏବଂ ଷ୍ଟ୍ରୀମ ୱେବସାଇଟ୍ ହେଉଛନ୍ତି ଏହି ସମର କୌଶଳ ଦୁଇଟି ଅଂଶ ।

ଷ୍ଟ୍ରୀମ କମ୍ୟୁନିକେସନ୍ ହବ୍ ମ୍ୟାନେଜର

| | | |
|---|---|---|
| କାମ୍ବୋଡ଼ିଆ | ସେମ୍ ଭିର୍‌ୟାକ୍ | <cfdo@camnet.com.kh> |
| ଇଣ୍ଡିଆ | ରୁବୁ ମୁଖାର୍ଜୀ | <rubumukherjee@redifmail.com> |
| ଇଣ୍ଡୋନେସିଆ | ଆନିଜା ସୁସ୍ମିତା | <indostream@perikanan-budidaya.go.id> |
| ମିୟାମାର୍ | ଖୀନ୍ ମାଉଙ୍ଗ ସୋଇ | <DOF@mptmail.net.com> |
| ନେପାଲ୍ | ନୀଳକଣ୍ଠ ପୋଖ୍‌ରେଲ୍ | <agroinfo@wlink.com.np> |
| ଫିଲିପାଇନ୍‌ସ | ଏଲିଜାବେଥ୍ କୋନ୍‌ଜେଲେସ୍ | <streambfar-phil@skyinet.net> |
| ଭିଏତ୍‌ନାମ୍ | ଏନ୍‌ଗୁୟେନ୍ ସଙ୍ଗ୍ ହା | <streamsapa@vietel.com.vn> |
| ୟୁନାନ୍, ଚ଼ାଇନା | ସୁସାନ୍ ଲି | YNYYCN@KM169.net,blueseven@mail.china.com> |